# ଜଙ୍ଗଲ ଓ ପରିବେଶ ବିଭାଗର କାର୍ଯ୍ୟାବଳୀ ବିବରଣୀ

## ୨୦୦୯-୨୦୦୧୦

୧ . ଉପକ୍ରମ :

୧.୧ । ଓଡିଶାର ଭୌଗଳିକ ଆୟତନ ୧୫.୫୭ ମିଲିୟନ ବର୍ଗ ହେକ୍ଟର ମଧ୍ୟରେ ଜନ ସଂଖ୍ୟା ପ୍ରାୟ ୩୬.୭୧ ମିଲିୟନ (୨୦୦୧ ଗଣନା  ବର୍ଷ ଅନୁଯାୟୀ ) ଅଟେ । ରାଜ୍ୟର ଜଙ୍ଗଲ ଅଂଚଳ ୫୮,୧୩୬.୮୭ ବର୍ଗ କି.ମି. ହୋଇଥିବା ବେଳେ ଏହା ଭୌଗଳିକ ଆୟତନର ୩୭.୩୪ ଶତାଂଶ ଅଟେ । ଏହି ଜଙ୍ଗଲ ସାଧାରଣତଃ ଓଡିଶାର କେନ୍ଦ୍ରୀୟ ଅଂଚଳ, ଦକ୍ଷିଣାଂଚଳ ଓ ପଶ୍ଚିମାଂଚଳରେ ବିସ୍ତୃତ ।

୧.୨. ରାଜ୍ୟ ଅର୍ଥନୀତିରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଗ୍ରାମାଂଚଳର ଜନସାଧାରଣ ଏବଂ ବନାଂଚଳର ଆଦିବାସୀମାନଙ୍କ ଜୀବନକୁ ବହୁଳ ଭାବରେ ପ୍ରଭାବିତ କରିଥାଏ । ନିଜର ଖାଦ୍ୟ ସଂଗ୍ରହ ଏବଂ ଜୀବିକା ନିର୍ବାହ ପାଇଁ ସେମାନେ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି । କାଠ, ଜାଳ କାଠ, ଚାରଣ ଭୂମି ଆଦିର ମାତ୍ରାଧିକ ଚାହିଦା ଯୋଗୁ ଜଙ୍ଗଲ ଅବକ୍ଷୟ ଘଟୁଅଛି ।

୨ । ପ୍ରଶାସନିକ ସଂଗଠନ :

୨.୧ । ରାଜ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ବିଭିନ୍ନ ସଂଗଠନ ଓ ସ୍ୱୟଂଚାଳିତ ସଂସ୍ଥା କାର୍ଯ୍ୟ କରୁଛି। ଜଙ୍ଗଲ ବିଭାଗ ଅଧୀନସ୍ଥ କ୍ଷେତ୍ରୀୟ ସଂଗଠନଗୁଡିକରେ କ୍ଷେତ୍ରୀୟ (ଟେରିଟୋରିଆଲ) ବନ୍ୟପ୍ରାଣୀ ଓ କେନ୍ଦୁପତ୍ର ଶାଖାମାନ କାର୍ଯ୍ୟ କରୁଛି । ଓଡିଶା ବନ ଉନ୍ନୟନ ନିଗମ ବାଣିଜ୍ୟିକ *ପ୍ରତିନିଧି* ଭାବରେ କାର୍ଯ୍ୟ କରୁଅଛି ।ଏହା କେନ୍ଦୁପତ୍ର  , କାଠ, ବାଉଁଶ ଓ ଶାଳମଂଜି ଇତ୍ୟାଦି ବିଭିନ୍ନ ବନଜାତ ଦ୍ରବ୍ୟଗୁଡିକର ବିକ୍ରୟ ଦାୟିତ୍ୱ ତୁଲାଇଥାଏ । ଉକ୍ତ ନିଗମ ଅଧିନସ୍ଥ *ପ୍ରାୟ ୨୬୯ ଟି ଗୋଲା ମାଧ୍ୟମରେ ରାଜ୍ୟର ଜନସାଧାରଣଙ୍କୁ ଗୃହୋପକରଣ* କାଠ, ବାଉଁଶ ଓ ଜାଳେଣି କାଠ ମଧ୍ୟ ବିକ୍ରୟ କରାଯାଏ ।

୭.୨ ଜଂଗଲ ଓ ବନ୍ୟପ୍ରାଣୀ ଶାଖା- ବନ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ଡିଭିଜନ ସ୍ତରରେ ଜଂଗଲ ସମ୍ବନ୍ଧୀୟ ସମସ୍ତ ପ୍ରକାର କାର୍ଯ୍ୟକ୍ରମଗୁଡିକର ସମନ୍ୱୟ ସ୍ଥାପନ ପାଇଁ ଜଂଗଲ ସଂପ୍ରସାରଣ କାର୍ଯ୍ୟକ୍ରମରେ ସହାୟତା ଓ ଜଂଗଲ ପରିଚାଳନାରେ ଅଂଶ ଗ୍ରହଣକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ତା ୧.୧୦.୨୦୦୩ ରିଖରେ ଓଡିଶା ସରକାରଂକର ଜଂଗଲ ଓ  ପରିବେଶ ବିଭାଗରେ କ୍ଷେତ୍ର ସଂଗଠନକୁ ପୁନର୍ବିନ୍ୟାସ କରାଯାଇଛି । ବର୍ତ୍ତମାନ ରାଜ୍ୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଂକ ଅଧୀନରେ ୭ ଟି ଜଂଗଲ ସର୍କଲ, ୩୭ ଗୋଟି ଜଂଗଲ ଡିଭିଜନ ଏବଂ ମୁଖ୍ୟ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ତଥା ପ୍ରଧାନ ମୁଖ୍ୟ ବନ ସଂରକ୍ଷକଂକ ଅଧୀନରେ ଗୋଟିଏ ସର୍କଲ, ୧୩ ଗୋଟି ବନ୍ୟପ୍ରାଣୀ ଡିଭିଜନ ସହ ନଂଦନକାନନର ସମସ୍ତ କାର୍ଯ୍ୟ ଚାଲୁଅଛି । ଏତଦଭିନ୍ନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଂକ ଅଧୀନରେ କେଂଦୁପତ୍ର ସଂଗ୍ରହ ପ୍ରକ୍ରିୟାକରଣ ସକାଶେ ମୋଟ୍ ୩ଟି ସର୍କଲ ଓ ୧୯ ଟି କେଂଦୁପତ୍ର ଡିଭିଜନ କାର୍ଯ୍ୟ କରୁଅଛି । ୮ ଗୋଟି Working Plan ଡିଭିଜନ ଗୋଟିଏ ବନସଂପଦ ସର୍ବେକ୍ଷଣ ଡିଭିଜନ ଓ ଦୁଇଗୋଟି ସିଲଭିକଲ୍‌ଚର ଡିଭିଜନ ମଧ୍ୟ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ୫ ଗୋଟି ବନ ତାଲିମ ପ୍ରତିଷ୍ଠାନ ଅଛି, ଯଥା- ଅନୁଗୁଳଠାରେ ଗୋଟିଏ ରେଂଜର ତାଲିମ ମହାବିଦ୍ୟାଳୟ, ଚଂପୁଆ ଠାରେ ଗୋଟିଏ ବନପାଳ ତାଲିମ ବିଦ୍ୟାଳୟ , ଦୁଇଟି ବନରକ୍ଷୀ ତାଲିମ ବିଦ୍ୟାଳୟ ଅନୁଗୁଳ ଏବଂ ଜି.ଉଦୟଗିରିଠାରେ ଓ ଭୁବନେଶ୍ୱର ଠାରେ ଥିବା ଏକ ରାଜ୍ୟସ୍ତରୀୟ ସାମାଜିକ ବନୀକରଣ ତାଲିମି ଓ ଗବେଷଣା ପ୍ରତିଷ୍ଠାନ ରାଜ୍ୟରେ ମୋଟ୍ ୨୨୧ ଟି କ୍ଷେତ୍ରୀୟ ଚକଲା (ରେଂଜ୍), ୬୦ ଟି ବନ୍ୟପ୍ରାଣୀ ରେଂଜ୍, ଜଂଗଲ ଓ ବନ୍ୟପ୍ରାଣୀ ପରିଚାଳନା ପାଇଁ ଅଛି । ଏହା ବ୍ୟତୀତ କେଂଦୁପତ୍ର ସଂଗ୍ରହ ଓ ପ୍ରୋସେସିଂ ପାଇଁ ୧୬୫ ଟି କେଂଦୁପତ୍ର ରେଂଜ୍ ଅଛି ।

୭.୩. ପରିବେଶ ଶାଖା- ୧୯୯୦ ମସିହା ଅକ୍ଟୋବର ମାସରେ ପରିବେଶ ଶାଖା ଅବିଭକ୍ତ ବିଜ୍ଞାନ , କାରିଗରୀ ଓ  *ପରିବେଶବିଭାଗରୁ ଅଲଗା ହୋଇ ଜଂଗଲ*

ପରିବେଶ ବିଭାଗରେ ଅନ୍ତର୍ଭୁକ୍ତ ହେଲା । ପରିବେଶ ଶାଖାର କୌଣସି କ୍ଷେତ୍ର ସଂସ୍ଥା ନାହିଁ କିନ୍ତୁ ପରିବେଶ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସରକାରଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା । ଚିଲିକା ହ୍ରଦର ପରିବେଶର ପୁନରୁଦ୍ଧାର ପାଇଁ ଚିଲିକା ଉନ୍ନୟନ ସଂସ୍ଥା ନାମରେ ଏକ ସଂସ୍ଥା ଗଠନ କରାଯାଇଛି । ବନ ସମ୍ବନ୍ଧୀୟ ଗବେଷଣା ସହିତ ଉଦ୍ଭିଦ ସଂପଦର ରକ୍ଷଣାବେକ୍ଷଣ ତଥା ଉନ୍ନୟନ ପାଇଁ ଆଂଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର (RPRC) ସଦା ଚେଷ୍ଟିତ । ୨୦୦୦-୨୦୦୧ ମସିହାରେ ପରିବେଶ ସମ୍ବନ୍ଧୀୟ ତଥ୍ୟର ପ୍ରଚାର ଓ ପ୍ରସାର ପାଇଁ ଏବଂ ତତ୍ସମ୍ବନ୍ଧୀୟ ଅଧ୍ୟୟନ ପାଇଁ ପରିବେଶ ବିଜ୍ଞାନ କେନ୍ଦ୍ର ଖୋଲାଯାଇଛି ।

୩.<u>ରାଜ୍ୟ ବନାଂଚଳର ସ୍ଥିତି</u> :

୩.୧. ରାଜ୍ୟ ଅଭିଲେଖ ଅନୁସାରେ ପ୍ରାୟ ୫୮,୧୩୬.୮୭୯ ବର୍ଗ କିଲୋମିଟର ଜଂଗଲ ଅଛି ଏବଂ ତାହା ନିମ୍ନମତେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଅଛି :-

| | |
|---|---|
| ସଂରକ୍ଷିତ ଜଂଗଲ | ୨୬,୩୨୯.୧୨ ବର୍ଗ କି.ମି |
| ଚିହ୍ନିତ ସୁରକ୍ଷିତ ଜଂଗଲ | ୧୧,୬୮୨.୦୮୦ ବର୍ଗ କି.ମି |
| ଅଣ ଚିହ୍ନିତ ସୁରକ୍ଷିତ ଜଂଗଲ | ୩,୮୩୮.୬୮ ବର୍ଗ କି.ମି |
| ଶ୍ରେଣୀ ଭୁକ୍ତ ହୋଇ ନଥିବା ଜଂଗଲ | ୨୦.୫୫ ବର୍ଗ କି.ମି |
| ଗ୍ରାମ୍ୟ ଜଂଗଲ ଏବଂ ରାଜସ୍ୱ ବିଭାଗ ନିୟନ୍ତ୍ରଣରେ ଥିବା ଅନ୍ୟାନ୍ୟ ଜଂଗଲ | ୧୬,୨୬୧.୩୪ ବର୍ଗ କି.ମି |
| | ମୋଟ୍ - ୫୮,୧୩୬,୮୭୦ ବର୍ଗ କି.ମି |

୩.୨. ଭାରତୀୟ ଜଂଗଲ ସର୍ବେକ୍ଷଣ ସଂସ୍ଥାଦ୍ୱାରା ୨୦୦୨ ରେ ପ୍ରକାଶିତ ରାଜ୍ୟ ଜଂଗଲ ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୦୨ ବର୍ଗ କି.ମି ହେନ୍ତାଳ ବଣ ସମେତ ମୋଟ୍ ୫୩.୨୯୦ ବର୍ଗ କି.ମି. ଜଂଗଲ ଆଚ୍ଛାଦିତ ଅଂଚଳ ରହିଛି । ଯାହାକି ରାଜ୍ୟର

ଭୌଗଳିକ କ୍ଷେତ୍ରଫଳର ୩୪.୭୩ %  । ଭାରତୀୟ ଜଂଗଲ ସର୍ବେକ୍ଷଣ ସଂସ୍ଥା ଦ୍ବାରା ୨୦୦୯ ରେ ପ୍ରକାଶିତ ରାଜ୍ୟ ଜଂଗଲ ରିପୋର୍ଟ ଅନୁଯାୟୀ ରାଜ୍ୟର ଜଂଗଲ  ଅଂଚଳ ୧୦୦ ବର୍ଗ କିଲୋମିଟର ବୃଦ୍ଧି ପାଇଛି ।

୩.୩. ରାଜ୍ୟର ସମଗ୍ର ଭୌଗଳିକ ଆୟତନର ପ୍ରାୟ ୩୭.୩୪ % ଭାଗ ବନାଂଚଳ ଥିବା ବେଳେ ରାଜ୍ୟରେ ଭୌଗଳିକ ଆୟତନର ପ୍ରାୟ ୩୧.୩୮ %  ଭାଗ ଜଂଗଲ ଆଚ୍ଛାଦିତ ଅଂଚଳ । ଜାତୀୟ ବନ ନୀତି ଅନୁଯାୟୀ ମୋଟ୍ ଭୌଗଳିକ ଅଂଚଳରେ ୩୩ % ଭାଗ ଅଂଚଳ ଜଂଗଲ ଆଚ୍ଛାଦିତ ହୋଇ ରହିବା ଆବଶ୍ୟକ । ଜଂଗଲଗୁଡିକୁ ସୁରକ୍ଷା ପ୍ରଦାନ କରିବା ଓ ଉଜୁଡା ଜଂଗଲ ଗୁଡିକର ପୁନଃ ବନୀକରଣ ସକାଶେ ଜଂଗଲ ବିଭାଗ ନିରବଚ୍ଛିନ୍ନ ଭାବରେ ଉଦ୍ୟମ ଜାରି ରଖିଛି ।

୩.୪. ୨୦୦୮-୦୯ ଆର୍ଥୀକ ବର୍ଷରେ ବିଭିନ୍ନ ଯୋଜନାରୁ ରାଜସ୍ୱ ବାବଦକୁ ମୋଟ୍ ୧୯୧.୧୯ କୋଟି ଟଂକା ଆଦାୟ ହୋଇଅଛି ।

୪. ଜଂଗଲ ସୁରକ୍ଷା :

୪.୧. କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ହେତୁ ଉଭୟ ବନଜାତ ଦ୍ରବ୍ୟ ତଥା ବନଭୂମି ସକାଶେ ଜଂଗଲଗୁଡିକ ଉପରେ ଆଶାତୀତ ଚାପ ବୃଦ୍ଧିପାଉଛି । ୨୦୦୩ ମସିହାରେ ପୁନର୍ଗଠନ ପରେ ରାଜ୍ୟରେ ୨୮୧ ରେଂଜ୍ ମଧ୍ୟରୁ ୨୨୧ ଟି ଟେରିଟୋରିଆଲ ରେଂଜ୍ ଓ ୬୦ ଟି ବନ୍ୟପ୍ରାଣୀ ରେଂଜ୍, ୧୦୦୧ ଟି ସେକ୍ସନ ଓ ୩,୬୭୪ ଟି ବିଟ୍ ଅଛି । ତେବେ ହାରାହାରି ହିସାବରେ ପ୍ରତ୍ୟେକ ବିଟ୍ ପାଇଁ ୧୫.୮୨ ବର୍ଗ କି.ମି ଓ ସେକ୍ସନ ପାଇଁ ୫୮.୦୭ ବର୍ଗ କି.ମି. ପ୍ରତ୍ୟେକ ରେଂଜ୍ ପାଇଁ ୨୦୬.୮୮ ବର୍ଗ କି.ମି ବିଭିନ୍ନ କିସମର ବନାଂଚଳ ରହିଛି । ଏଥିଯୋଗୁଁ ଜଂଗଲ କର୍ମଚାରୀଙ୍କ ଦ୍ୱାରା ନିଜ ନିଜ ତତ୍ତ୍ୱାବଧାନରେ ରହିଥିବା ଏହି ବିସ୍ତୀର୍ଣ୍ଣ ବନାଂଚଳକୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା କଷ୍ଟସାଧ୍ୟ ହେଉଅଛି ।

୪.୨. ନିର୍ଦ୍ଦିଷ୍ଟ କେତେକ ଉପଦ୍ରୁତ ଅଂଚଳରେ ଜଂଗଲଜାତ ଦ୍ରବ୍ୟର ଚୋରା କାରବାର ପରିଲକ୍ଷିତ ହୋଇଥାଏ । ତନ୍ମଧ୍ୟରୁ ସମ୍ବଲପୁର, ଅନୁଗୋଳ, କଟକ, ନୟାଗଡ ଓ ବୌଦ୍ଧ ଜିଲ୍ଲାଗୁଡିକରେ ଥିବା ମହାନଦୀ ଶଯ୍ୟା, ମୟୁରଭଂଜ ଜିଲ୍ଲାରେ ଶିମିଳିପାଳ ଜଂଗଲ, ଓଡିଶା ଆନ୍ଧ୍ର ପ୍ରଦେଶ ସୀମାରେ ଅବସ୍ଥିତ ଜୟପୁର ଜଂଗଲ ଡିଭିଜନ ଓ ଓଡିଶା-ଝାଡଖଣ୍ଡ ତଥା ଓଡିଶା-ଛତିଶଗଡ ସୀମାରେ ଥିବା ଆନ୍ତଃରାଜ୍ୟ ଜଂଗଲ ଅଂଚଳ ଅତ୍ୟନ୍ତ ସ୍ପର୍ଶକାତର ଅଟେ ।

୪.୩. ଜଂଗଲ ଚୋରି ଉପରେ ଜଂଗଲ ବିଭାଗ ତୀକ୍ଷ୍ଣ ଦୃଷ୍ଟି ରଖିଆସିଛି ଏବଂ ଚୋରମାନଂକ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଅଛି । ୨୦୦୯-୧୦ ବର୍ଷରେ (ଡିସେମ୍ବର,୨୦୦୯ ମାସ ସୁଦ୍ଧା ) ରାଜ୍ୟରେ ଚୋରି ଘଟଣାରେ ପଂଜୀକୃତ ମାମଲା ସଂଖ୍ୟା, ସଂଶ୍ଳିଷ୍ଟ ଦୋଷୀମାନଂକ ସଂଖ୍ୟା, ଜବତ ହୋଇଥିବା କାଠର ପରିମାଣ ତଥା ଜବତ ଜଂଗଲ ଜାତ ଦ୍ରବ୍ୟର ମୂଲ୍ୟ ଓ ୫୬ ଧାରାରେ ପଂଜୀକୃତ ମାମଲା ସଂଖ୍ୟାର ତାଲିକା ନିମ୍ନରେ ପ୍ରଦାନ କରାଗଲା । :-

| | |
|---|---|
| ୧. ପଂଜୀକୃତ ମୋଟ୍ ଜଂଗଲ ଚୋରି ମାମଲା ସଂଖ୍ୟା | ୪୬,୪୮୫ |
| ୨ .ସଂଶ୍ଳିଷ୍ଟ ଦୋଷିମାନଂକ ସଂଖ୍ୟା | ୪୨,୬୩୪ |
| ୩.ଧରା ପଡିଥିବା ଦୋଷିଂକ ସଂଖ୍ୟା | ୨୬୨୭ |
| ୪. ଜବତ କାଠର ପରିମାଣ (ଘନମିଟର) | ୨୭୮୦ |
| ୫. ଜବତ ଜଂଗଲଜାତ ଦ୍ରବ୍ୟର ମୂଲ୍ୟ | ୨୩୨.୮୨ |
| ୬. ଧାରା ୫୬ ଅନୁଯାୟୀ ଜଂଗଲଯାତ ଚୋରି ମାମଲାରେ ଜବତ ହୋଇଥିବା ଗାଡି ସଂଖ୍ୟା | ୨୮୦୨ |

୪.୪. ରାଜ୍ୟରେ ଉପଦ୍ରୁତ ଅଂଚଳଗୁଡିକରେ ଜଂଗଲଗୁଡିକରେ ଜଂଗଲ ସୁରକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ଟେରିଟୋରିଆଲ ଡିଭିଜନମାନଂକରେ ୧୯ ଗୋଟି ସଶସ୍ତ୍ର ପୋଲିସ୍ ବାହିନୀକୁ ମୁତୟନ କରାଯାଇଅଛି । ଏହି ୧୯ ୟୁନିଟ୍‌ରେ ୨୦ ଜଣ ପୋଲିସ୍

ଏସ୍.ଆଇ., ୧୪ ଜଣ ଏ.ଏସ୍.ଆଇ, ୧୯ଜଣ ହାବିଲଦାର ଓ ୨୦୭ଜଣ କନେଷ୍ଟବଳଙ୍କୁ ନେଇ ମୋଟ୍ ୨୬୦ ଜଣ ପୋଲିସ୍ ଫୋର୍ସ ଅଛନ୍ତି । ଏତଦ୍ବ୍ୟତୀତ ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଧୂଆଁନାଳୀ ଓ ବର୍ବରା ସଂରକ୍ଷିତ ଜଂଗଲରେ ପ୍ରାକ୍ ସ୍ୱାଧୀନତା କାଳରୁ ଥିବା ମୂଲ୍ୟବାନ ଶାଗୁଆନ ଜଂଗଲର ସୁରକ୍ଷା ପାଇଁ କେନ୍ଦ୍ରୀୟ ଆରକ୍ଷୀ ବାହିନୀ (CRPF) ମୁତୟନ କରାଯାଇଅଛି ଏବଂ ଏହାର କାର୍ଯ୍ୟକଳା ପ ସନ୍ତୋଷଜନକ ଅଟେ ।

୪.୫. ରାଜ୍ୟରେ ଜଂଗଲଜାତ ଦ୍ରବ୍ୟର ପରିବହନ ନିୟନ୍ତ୍ରଣ ସକାଶେ ୨୦୮ ଟି ଜଂଗଲ ଯାଂଚ ଫାଟକ ସ୍ଥାପନ କରାଯାଇଛି । ବିଭିନ୍ନ ଟେରିଟୋରିଆଲ୍ ରେଂଜ୍, ସେକ୍ସନ ଓ ଅନ୍ୟାନ୍ୟ ଉପଦୃତ ଅଂଚଳରେ ୭୩୯ ଟି ବେତାର ଯନ୍ତ୍ର (VHF Set) ସ୍ଥାପନ କରାଯାଇଛି । ଏହା ସହିତ କ୍ଷେତ୍ର କର୍ମଚାରୀମାନଂକୁ ୫୧୩ ଟି ବଂଧୁକ ଓ ୧୮୬ ଟି ରିଭଲଭର ଯୋଗାଇ ଦିଆଯାଇଛି ।

୪.୬. ଉପରୋକ୍ତ ପଦକ୍ଷେପ ବ୍ୟତୀତ ରାଜ୍ୟ ସରକାର ଯୁଗ୍ମ ଜଂଗଲ ପରିଚାଳନା (JFM) ନୀତି ି ପ୍ରଣୟନ କରିଛନ୍ତି ଓ ଉଜୁଡା ଜଂଗଲଗୁଡିକର ସୁରକ୍ଷା ଏବଂ ସୁପରିଚାଳନା ପ/ଇଁ ସ୍ଥାନୀୟ ଗ୍ରାମବାସୀମାନଂକୁ ସଂପୃକ୍ତ କରାଯାଇଛି । ଏଥିପାଇଁ ରାଜ୍ୟରେ ଗ୍ରାମବାସୀମାନଂକୁ ଓ ବିଭାଗୀୟ ବନ କର୍ମଚାରୀମାନଂକୁ ଉତ୍ସାହିତ କରିବା ପାଇଁ ପୁରସ୍କାର ଦେବାର ବ୍ୟବସ୍ଥା ରହିଛି ।

୪.୭. ୨୦୦୮-୦୯ ଆର୍ଥୀକ ବର୍ଷରେ ଉପଦ୍ରୁତ ଜଂଗଲ ସୀମା ଅଂଚଳରେ ଜଂଗଲ ସୁରକ୍ଷା ପାଇଁ ଏକ ନୂତନ ଯୋଜନା କାର୍ଯ୍ୟକରାଯାଇ ଚିହ୍ନିତ ୩୦ ଟି ବନଖଣ୍ଡର ୩୦ ଟି ଉପଦ୍ରୁତ ଜଂଗଲ ଅଂଚଳରେ ଚୋରା କାରବାର ରୋକିବା ପାଇଁ ଉକ୍ତ ଅଂଚଳର ବେକାର ଯୁବକ ତଥା ଆଦିବାସୀ ଯୁବକମାନଂକୁ ନିଯୁକ୍ତି ଦିଆଯାଇ ଅଛି ।

୫. ଯୁଗ୍ମ ଜଂଗଲ ପରିଚାଳନା –

୫.୧. ସ୍ଥାନୀୟ ଲୋକମାନେ ସକ୍ରିୟ ହୋଇ ଜଂଗଲର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ପରିଚାଳନା ରେ ସାମିଲ ହେବା ୧୯୮୮ ଜାତୀୟ ଜଂଗଲ ନୀତି ର ମୁଖ୍ୟ ବୈଶିଷ୍ଟ୍ୟ । ଜଂଗଲର ସୁରକ୍ଷା , ପରିଚାଳନା ଓ ଉଜୁଡା ଜଂଗଲର ପୁନରୁଦ୍ଧାରକୁ ପାଇଁ ସ୍ଥାନୀୟ ଗ୍ରାମବାସୀମାନଂକୁ ରାଜ୍ୟ ସରକାରଂକ ଅଗଷ୍ଟ , ୧୯୮୮ ସଂକଳ୍ପ ଅନୁଯାୟୀ ଗ୍ରାମ ସମୀପବର୍ତ୍ତୀ ସଂରକ୍ଷିତ ଜଂଗଲର ରକ୍ଷଣାବେକ୍ଷଣ ଓ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା । ଏହି ନୀତିକୁ ୨୦୦୮ ସଂକଳ୍ପରେ ଅଧିକ ଲୋକାଭିମୁଖି କରାଯାଇଛି ।

୫.୨. ୨୦୦୯-୧୦ ବର୍ଷ ସୁଦ୍ଧା ୧୧.୫୧୧ ବନ ସଂରକ୍ଷଣ ସମିତି ଏବଂ ୩୭୯ ଟି ପରିବେଶ ଉନ୍ନୟନ କମିଟି (EDC) ଗଠନ କରାଯାଇ ରାଜ୍ୟରେ ୧୦.୭୪୭ ବର୍ଗ କି.ମି. ଜଂଗଲ ଜମିର ରକ୍ଷଣାବେକ୍ଷଣ ଯୌଥ ଜଂଗଲ ପରିଚାଳନା ଜରିଆରେ କରାଯାଇଅଛି । ଏହି ବନ ସଂରକ୍ଷଣ ସମିତି ଓ ପରିବେଶ ଉନ୍ନୟନ କମିଟି ରେ ୧୦୩୩୪ ଗାଁର ସମସ୍ତ ପରିବାରକୁ ସଭ୍ୟ ଭାବେ ଅନ୍ତର୍ଭୁକ୍ତ କରାଯାଇଛି ।

୬. ବୃକ୍ଷ ରୋପଣ :

୬.୧. ଜାତୀୟ ଜଂଗଲ ନୀତି, ୧୯୮୮ ଅନୁଯାୟୀ ରାଜ୍ୟର ମୋଟ୍ ଭୌଗଳିକ ଅଂଚଳର ୩୩ % ଅଂଶ ଜଂଗଲ ଦ୍ୱାରା ଆଚ୍ଛାଦିତ ହେବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଭାରତୀୟ ଜଂଗଲ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ୩୧.୩୮ % ଅଂଶରେ ବର୍ତ୍ତମାନ ଜଂଗଲ ଆଚ୍ଛାଦିତ ହୋଇ ରହିଛି । ଏଣୁ ଜାତୀୟ ଜଂଗଲ ନୀତି ଅନୁଯାୟୀ ଧାର୍ଯ୍ୟ ହୋଇଥିବା ୩୩ % ଜଂଗଲ ସୃଷ୍ଟି ନିମନ୍ତେ ବନୀକରଣ ତଥା ଉଜୁଡା ଜଂଗଲ ଗୁଡିକର ପୁନଃ ବନୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଅପରିହାର୍ଯ୍ୟ ଅଟେ

୬.୨ ରାଜ୍ୟରେ ୨୦୦୯-୧୦ ବର୍ଷ ମଧ୍ୟରେ ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା ଅଧୀନରେ ମୋଟ୍ ୯୧.୦୦୩ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇ ୧୩୩ କି.ମି . ପଥ ପାର୍ଶ୍ୱ ବୃକ୍ଷ ରୋପଣ କରାଯାଇଛି ।

୬.୩ ୨୦୦୮- ୦୯ ଆର୍ଥୀକ ବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ହୋଇଥିବା ବନୀକରଣର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| | ଯୋଜନାର ନାମ | ବନାକରଣ (ହେକ୍ଟର) |
|---|---|---|
| ୧. | ଅର୍ଥକରୀ ବୃକ୍ଷରୋପଣ | ୩୯୦୩ |
| ୨. | କେ.ବି.କେ ଜିଲ୍ଲା ବୃକ୍ଷରୋପଣ | ୩୪୯୧ |
| ୩. | କ୍ଷତିପୂରକ ବନୀକରଣ | ୨୮୯୮ |
| ୪. | ଜାତୀୟ ବନୀକରଣ ଯୋଜନା | ୧୪୯୮୦ |
| ୫. | ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ | ୫୧୬୩୫ |
| ୬. | ଶିଳ୍ପାଂଚଳ ବୃକ୍ଷରୋପଣ | ୨୯୫ |
| ୭. | ବନ ସଂରକ୍ଷଣ ସମିତି ସହାୟତା | ୭୧୧ |
| ୮. | ଜାତୀୟ ବାଉଁଶ ମିସନ୍ | ୭୭୪ |
| ୯. | ଜାତୀୟ ଗ୍ରାମୀଣ ନିଶ୍ ଚିତ କର୍ମଯୋଗାଣ ଯୋଜନା | ୧୨୩୧୭ |
| ୧୦. | ପଥପାର୍ଶ୍ୱ ବୃକ୍ଷରୋପଣ | ୧୩୩ କି.ମି. |
| | ସମୁଦାୟ- | ୯୧୦୦୩ ହେକ୍ଟର ଏବଂ ୧୩୩ କି.ମି. |

୬.୪ ଓଡିଶା ବନ ଉନ୍ନୟନ ପ୍ରକଳ୍ପ *୧୦ ଟି ଜିଲ୍ଲାରେ ୧୪ ଟି ବନଖଣ୍ଡକୁ ନେଇ ଜାପାନ* ବ୍ୟାଂକ ସହାୟତାରେ ୨୦୦୬-୦୭ ଆର୍ଥିକ ବର୍ଷରୁ କାମ ଆରମ୍ଭ କରିଅଛି । ଉଜଡା ଜଂଗଲର ପୁନରୁଦ୍ଧାର *କରିବା ସହିତ ବନାଂଚଳରେ ବାସକରୁଥିବା ଲୋକ ମାନଂକ ଜୀବିକା ନିର୍ବାହର ମାନ ବୃଦ୍ଧି କରିବା ଏହି* ପ୍ରକଳ୍ପର ଉଦ୍ଦେଶ୍ୟ । ପ୍ରକଳ୍ପ *କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ଗୁଡିକ ହେଲା କୋରାପୁଟ*, ରାୟଗଡା, ଗଜପତି, ଅନୁଗୁଳ, କଂଧମାଳ, ଦେଓଗଡ, କେଂଦୁଝର, ସୁଂଦରଗଡ, ଭଦ୍ରକ, ଏବଂ ବାଲେଶ୍ୱର । ୨୦୦୬-୦୭ ଓ ୨୦୦୭-୦୮ ରେ କାର୍ଯ୍ୟକାରୀ ପଦ୍ଧତିର ପ୍ରସ୍ତୁତି, ବନ ସୁରକ୍ଷା ସମିତି *ପରିଚାଳନା ପଦ୍ଧତି, ପ୍ରକଳ୍ପ ଗ୍ରାମ ଚିହ୍ନଟ, କାର୍ଯ୍ୟକାରୀ କ୍ଷେତ୍ରର ସର୍ବେକ୍ଷଣ*

ଚିହ୍ନଟ ଏବଂ ନକ୍ସା ପ୍ରସ୍ତୁତି, ଚାରା ପ୍ରସ୍ତୁତିକରଣ, ତାଲିମ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରାଯାଇଅଛି । ୨୦୦୮-୦୯ ଆର୍ଥିକ ବର୍ଷରେ ୭୨୨ ଗୋଟି ପ୍ରକଳ୍ପ ଗ୍ରାମରେ ୪୧୭୦୫ ହେକ୍ଟର ବୃକ୍ଷରୋପଣ କରାଯିବା ସହିତ ସେମାନଙ୍କ ଆର୍ଥିକ ଉନ୍ନତିର ବ୍ୟବସ୍ଥା କରାଯାଇଅଛି । ୨୦୦୯-୧୦ ଆର୍ଥିକ ବର୍ଷରେ ୭୦୦ ଟି୍ କଳ୍ପ ଗ୍ରାମରେ ୫୧୭୩୫ ହେକ୍ଟର ଜମିରେ ବୃକ୍ଷରୋଣ ସହିତ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ କରାଯିବାର ପସ୍ତାବ ଅଛି । ଏହି ପ୍ରକଳ୍ପ ତରଫରୁ www.ofsdp.org. ନାମକ website ପ୍ରସ୍ତୁତ କରାଯାଇଛି । ଏତଦ୍ ବ୍ୟତିତ ଏକ ତ୍ରୈମାସିକ ପତ୍ରିକା ମାଧ୍ୟମରେ ବିଭିନ୍ନ ତଥ୍ୟ ଜନ ସାଧାରଣଙ୍କୁ ପରିବେଷଣ କରାଯାଉଛି ।

୬.୫ ଜଂଗଲ ବିଭାଗ ପୁନଃ ପ୍ରବର୍ତ୍ତିତ ଦୀର୍ଘମିଆଦୀ ସକ୍ରିୟ ଯୋଜନା (RLTAP)

ଅବିଭକ୍ତ କଳାହାଣି, କୋରାପୁଟ ଓ ବଲାଂଗିର ଜିଲ୍ଲାରେ ଦୀର୍ଘ ୯ ବର୍ଷ ଧରି କାର୍ଯ୍ୟକାରୀ କରିଆସୁଅଛି । ଆର୍ଥିକ ବର୍ଷ ୨୦୦୮-୦୯ରେ ୨୩୭୫ ହେକ୍ଟର ବୃକ୍ଷରୋପଣ (Block ) ଏବଂ ୪୦୦୦ ହେକ୍ଟର ପତିତ ଜଂଗଲକୁ ପୁନରୁଦ୍ଧାର ଯୁଗ୍ମ ବନ ପରିଚାଳନା ସମିତି ମାଧ୍ୟମରେ ୧୦୦୦ ହେକ୍ଟରରେ ଔଷଧୀୟ ବୃକ୍ଷରୋପଣ, ୩୩୫୦ ହେକ୍ଟର ଜମିରେ କଂଜ ଭୃକ୍ଷରୋପଣ ଏବଂ ୧୦୫୫ ହେକ୍ଟର ଜମିରେ ଅର୍ଥକାରୀ ଲାଭଦାୟକ ବୃକ୍ଷରୋପଣ କରାଯାଇଅଛି । ଏହି ପରି ମୋଟ ୧୧୭୮୦ ହେକ୍ଟର ଜମିରେ ଏହି ଯୋଜନାରେ ଫଳ ପ୍ରଦାନକାରୀ ଏବଂ ଅଣକାଷ୍ଠ କିସମ, ଜାଳକାଠ, ଅର୍ଥକାରୀ ବୃକ୍ଷ, କଂଜ, ଔଷଧୀୟ ବୃକ୍ଷ ଏବଂ ବାଉଁଶ ଇତ୍ୟା ଦି ରୋପଣ କରଯାଇଅଛି । ସମନ୍ୱିତ ଅଣୁଜଳଛାୟା ଯୋଜନା ମାଧ୍ୟମରେ ଜଂଗଲ ଉପରେ ନିର୍ଭର କରୁଥିବା ବାସନ୍ଦା ମାନଙ୍କର ଜୀବିକା ବିକାଶ ମଧ୍ୟ କରାଯାଇଅଛି ପ୍ରତ୍ୟେକ ବୃକ୍ଷରୋପଣ ସ୍ଥାନରେ ବନ ସଂରକ୍ଷଣ ସମିତି ଗଠନ କରାଯାଇଅଛି ଏବଂ ସାଧାରଣ ଲୋକଙ୍କର ଯୋଗଦାନକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଅଛି । ୨୦୦୯-୧୦ ଅର୍ଥିକ

ବର୍ଷରେ ୨୦ ଟି ଅଣ୍ଣ ଜଳଚ୍ଛାୟା ପ୍ରକଳ୍ପର ୩୪୯୧ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଛି ।

୬.୬ ଜଂଗଲ ଉନ୍ନୟନ ସଂସ୍ଥା

ଦଶମ ଓ ଏକାଦଶ ଯୋଜନା ମଧ୍ୟରେ ୪୬ ଗୋଟି ପ୍ରକଳ୍ପ, ୪୫ ଗୋଟି ଜଂଗଲ ଉନ୍ନୟନ ସଂସ୍ଥା ଦ୍ୱାରା କରାଯାଇଅଛି (ବାଲିଗୁଡା ଜଂଗଲ ଖଣ୍ଡ ୨ଟି ପ୍ରକଳ୍ପ କରିଅଛି ) । ଏହି କାର୍ଯ୍ୟ ମାଧ୍ୟମରେ ୨,୯୧୧ ଭି.ଏସ୍.ଏସ୍ ଙ୍କ ଅଂଚଳର ଅଣୁଯୋଜନା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କର ପରିବେଶ ଓ ଜଂଗଲ ବିଭାଗରେ ସମ୍ବଳ ପାଇଁ ଉପସ୍ଥାପିତ କରାଯାଇଅଛି । ଦଶମ ଓ ଏକାଦଶ ଯୋ୍ଜନା ମଧ୍ୟରେ କେନ୍ଦ୍ର ସରକାର ୧୦୦.୩୯୪ କୋଟି ଟଂକା ନିର୍ଗମନ କରିଅଛନ୍ତି । ଫଳସ୍ୱରୁପ ୨୦୦୩-୦୪ ଠାରୁ ୨୦୦୯-୧୦ (୨୦୦୯ ସେପ୍ଟେମ୍ବର ପର୍ଯ୍ୟନ୍ତ ) ୧,୦୩,୩୬୦ ହେକ୍ଟର ବୃକ୍ଷରୋପଣ କରାଯାଇ ୯୩.୪୫୭ କୋଟି ଟଂକା ଖର୍ଚ୍ଚ କରାଯାଇଅଛି । ୨୦୧୦-୧୧ ମସିହା ଠାରୁ ରାଜ୍ୟ ଜଂଗଲ ଉନ୍ନୟନ ସଂସ୍ଥା ଏକ ସଂଘୀୟ ବ୍ୟବସ୍ଥା କରି ଜଂଗଲ ଉନ୍ନୟନ ସଂସ୍ଥା ନୂତନ ପ୍ରକଳ୍ପ ଏନ୍.ଏ.ଇ.ବି.ର ପରିମାର୍ଜିତ ଗାଇଡଲାଇନ୍ ଦ୍ୱାରା କରାହେବ । ଏହି ବ୍ୟବସ୍ଥା ଜଂଗଲ କାର୍ଯ୍ୟରେ ଲୋକଙ୍କ ସହଯୋଗ, ଜଂଗଲ ନୀୟମକୁ ସହଯୋଗ, ଜଂଗଲରୁ ପୁନଃରୁଦ୍ଧାର ପାଇଁ ଜଂଗଲ ବିକାଶ ଏବଂ ଜଂଗଲ ପାର୍ଶ୍ୱବର୍ତ୍ତୀ ଅଂଚଳର ବିକାଶ କେନ୍ଦ୍ର ଅନୁଦାନ ମାଧ୍ୟମରେ କରିବାର ଅଛି ।

୬.୭ ଜଂଗଲ ଏବଂ ବନ୍ୟପ୍ରାଣୀ ବିଭାଗରେ ୧୦୦୦ ଗୋଟି ବିକେନ୍ଦ୍ରୀକରଣ ଚାରାରୋପଣ ସଂସ୍ଥା ସୃଷ୍ଟି କରାଯାଇଅଛି । ଯେଉଁମାନେ କି ।ପ୍ରତ୍ୟେକ *୧୦,୦୦୦ ଚାରା ତିଆରି କରି ସାଧାରଣ ଲୋକ/ସଂଗଠନ ମାନଙ୍କୁ ବିକ୍ରି କରୁଛନ୍ତି । ଏଥିରୁ ଉପଲବ୍ଧ* ଅର୍ଥରେ ପୁଣି ଚାରା ଗଛ ସୃଷ୍ଟି କରାଯାଉଅଛି । ଏହି

ପ୍ରକ୍ରିୟା ମାଧ୍ୟମରେ ବର୍ଷକୁ ଏକ କୋଟି ଚାରା ଗଛ ସୃଷ୍ଟି କରାଯାଇ ରୋପଣ ପାଇଁ ପ୍ରସ୍ତୁତି କରାଯାଉଅଛି । ଏତଦ୍ ବ୍ୟତିତ ଜାତୀୟ ନିଶ୍ ଚିତ ଗ୍ରାମ୍ୟ ନିଯୁକ୍ତି ଯୋଜନା ମାଧ୍ୟମରେ ମାଗଣାରେ ଚାରା ଗଛ ବିତରଣ କରାଯାଉଅଛି ।

୬.୮ ଷତି ପୂରକ ବନୀକରଣ :ରାଜ୍ୟରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଯଥା ଜଳସେଚନ, ଖଣି, ରେଳପଥ ଓ ରାସ୍ତା କାର୍ଯ୍ୟ ଚାଲୁ ରହି ଅଛି । ଏହିସବୁ ଉନ୍ନୟନ ମୂଳକ କାର୍ଯ୍ୟ *ପାଇଁ ରାଜ୍ୟର ଜଂଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମିତ୍ତ ଆବଶ୍ୟକତା ରହିଅଛି । ୧୯୮୦ ମସିହାରୁ ଡିସେମ୍ବର ୨୦୦୮ ପର୍ଯ୍ୟନ୍ତ ୩୭୪ ଗୋଟି ବିକାଶମୂଳକ ଯୋଜନା ଭାରତ ସରକାରଂକ ଦ୍ୱାରା ବନ ସଂରକ୍ଷଣ ଆଇନ୍‌ରେ ଅନୁମୋଦନ ଲାଭ କରିଛି ଏବଂ ୩୬,୩୬୩.୦୫ ହେକ୍ଟର ଜଂଗଲ ଜମି ଏଥି ନିମିତ୍ତ ବ୍ୟବହାର କରାଯାଉଅଛି । ଜଂଗଲ ଜମିର ଅଣଜଙ୍ଗଲ ବ୍ୟବହାର ପାଇଁ ଅନୁମତି ଦେବା ସମୟରେ ଆବଶ୍ୟକ କ୍ଷତିପୂରକ ବନୀକରଣ ପାଇଁ ଭାରତ ସରକାର ସର୍ତ୍ତ ରଖିଥାନ୍ତି।* ଡିସେମ୍ବର ୨୦୦୯ ସୁଦ୍ଧା ରାଜ୍ୟରେ ୩୮୦୩୫ ହେକ୍ଟରଜମିରେ କ୍ଷତିପୂରକ ବନୀକରଣ କରାଯାଇଅଛି । ଏ ଉଦ୍ଦେଶ୍ୟରେ ବିଭିନ୍ନ ଏଜେନ୍‌ସି ରାଜ୍ୟ ସରକାରଙ୍କ ତହବିଲରେ ୧୪୪୮.୨୧ କୋଟି ଟଂକା ଜମା କରିଥିବାବେଳେ ୧୩୧.୦୬ କୋଟି ଟଂକା (CAMPA) ପାଣ୍ଠିରେ ଜମା ଦେଇଛନ୍ତି ।

୭. ଔଷଧୀୟ ବୃକ୍ଷ ସଂରକ୍ଷଣ ଯୋଜନା

ଭାରତ ସରକାରଂକ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସହାୟତାରେ ବଲାଂଗିର ଏବଂ ବରଗଡ ଜିଲ୍ଲାର ଗଂଧମାର୍ଦ୍ଦନ ସଂରକ୍ଷିତ ଜଂଗଲ ଠାରେ ଏକ ବନସ୍ପତି ବନପ୍ରକଳ୍ପ *କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ମାଧ୍ୟମରେ ଗଂଧମାର୍ଦ୍ଦନ ସଂରକ୍ଷିତ ଜଂଗଲର ୨୦୦ ହେକ୍ଟର ଅଂଚଳରେ ଜୈବ ବିବିଧତା ଏବଂ ଔଷଧୀୟ ବୃକ୍ଷ ସଂରକ୍ଷଣ କରାଯାଇଛି । ଏହାର ଚତୁପାର୍ଶ୍ୱରେ* ଥିବା ୩୦୦୦ ହେକ୍ଟର ବନାଂଚଳରେ ଔଷଧୀୟ ବୃକ୍ଷର

ସଂରକ୍ଷଣ ଓ ଅଭିବୃଦ୍ଧି କରାଯାଇ ଏହାର ସୁବ୍ୟବହାର ନିମନ୍ତେ ପରିକଳ୍ପନା କରାଯାଇଛି । ଏହି ପ୍ରକଳ୍ପର ସୁପରୀଚାଳନାରେ ନିକଟସ୍ଥ ୨୫ ଟି ଗ୍ରାମର ଗ୍ରାମବାସୀଙ୍କୁ ସାମିଲ୍ କରାଯାଇଛି । ନିକଟସ୍ଥ ୪୦ ହେକ୍ଟର ଜମିରେ ଚାରାରୋପଣ କେନ୍ଦ୍ର ସ୍ଥାପନ କରାଯାଇ ଗ୍ରାମବାସୀଙ୍କୁ ଏଥି ସମ୍ବଧରେ ଅନୁସୂଚନା ଦିଆଯାଉଛି । ୩୦୦ ପ୍ରକାରର ଔଷଧୀୟ ବୃକ୍ଷରୋଣର ପ୍ରଦର୍ଶନ ଏଠାରେ କରାଯାଇଅଛି ।

ମିଳିତ ଜାତିସଂଘ ଉନ୍ନୟତ କାର୍ଯ୍ୟକ୍ରମ (UNDP ) ସହାୟତାରେ ବାଂଗାଲୋରର (FRLHT ) ସଂସ୍ଥା ମାଧ୍ୟମରେ ରାଜ୍ୟରେ ଛଅଟି ଔ୍ୟଷଧିୟ ବୃକ୍ଷ ସଂରକ୍ଷଣ ସ୍ଥାନ ( MPCA ) ନିର୍ଦ୍ଧାରଣ କରାଯାଇଅଛି ।

ଆଠଗଡ ଏବଂ ଠାକୁରମୁଣ୍ଡା ବ୍ଲକ୍‌ରେ ୧୦,୦୦୦ ଗୋଟି ଘରୋଇ ଔଷଧୀୟ ଉଦ୍ୟାନ ସ୍ଥାପନ କରାଯାଇଅଛି ।

ଭୁବନେଶ୍ୱର ସହର ନିକଟବର୍ତ୍ତୀ ପାତ୍ରପଡା ଠାରେ ସାଠିଏ ହେକ୍ଟର ପରିମିତ ଜମିରେ ଏକ ଔ୍ୟଷଧୀୟ ବୃକ୍ଷ ଉଦ୍ୟାନ ପ୍ରସ୍ତୁତ କରାଯାଇ ଜନ ସାଧାରଣଙ୍କୁ ଔ୍ୟଷଧୀୟ ବୃକ୍ଷ ସମ୍ବଧରେ ସଚେତନ କରାଯାଉଛି ।

ରାଜ୍ୟରେ ଔ୍ୟଷଧୀୟ ବୃକ୍ଷ ର ଅଭିବୃଦ୍ଧି ଉଦ୍ଦେଶ୍ୟରେ ୨୦୦୨ ମସିହା ଅଗଷ୍ଟ ମାସରେ ରାଜ୍ୟ ଔ୍ୟଷଧୀୟ ବୃକ୍ଷ ପରିଷଦ ଗଠନ କରାଯାଇଛି । ଜାତୀୟ ଔ୍ୟଷଧୀୟ ବୃକ୍ଷ ପରିଷଦଂକ ଆର୍ଥୀକ ସହାୟତାରେ ରାଜ୍ୟ ପରିଷଦ ରାଜ୍ୟରେ ଔ୍ୟଷଧୀୟ ବୃକ୍ଷ ର ଉନ୍ନୟନ ପ୍ରକଳ୍ପ , ବାଣିଜ୍ୟିକ ପ୍ରକଳ୍ପ ଏବଂ ଚୁକ୍ତିଭିତ୍ତିକ ପ୍ରକଳ୍ପ ମାନଂକର ବିକାଶ ପାଇଁ ଉଦ୍ୟମ କରୁଛନ୍ତି । ୨୦୦୮-୦୯ ଆର୍ଥୀକ ବର୍ଷରେ ଜାତୀୟ ଔ୍ୟଷଧୀୟ ବୃକ୍ଷ ପରିଷଦଂ ଦ୍ୱାରା ଅନୁମୋଦିତ ରାଜ୍ୟରେ ମୁଖ୍ୟ ପ୍ରକଳ୍ପ ଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

(୧) ଅଶୋକ ବୃକ୍ଷ ସଂରକ୍ଷଣ ଯୋଜନା - ୨.୦୬ କୋଟି ଟଂକା

(୨) ଦଶମୂଳ ବୃକ୍ଷ ସଂରକ୍ଷଣ ଯୋଜନା - ୩.୪୪ କୋଟି ଟଂକା

୨୦୦୯-୧୦ ବର୍ଷରେ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦକୁ ୭ ଜାନୁୟାରୀ ୨୦୧୦ ମସିହାରେ ରେଜିଷ୍ଟ୍ରିଭୁକ୍ତ **କରାଯାଇଛି । ଏହାର** ରେଜିଷ୍ଟ୍ରେସନ **ସଂଖ୍ୟା ୨୩୦୯୮/୨୦୦୯-୧୦ ।** ଭୁବନେଶ୍ୱର ଠାରେ ବିନ୍ଦୁସାଗରର *ପଶ୍ଚିମ ତଟରେ ଏକ୍ରାମ ବନ ନାମରେ ଏକ ବିଶେଷ ଔଷଧୀୟ ବୃକ୍ଷ ଉଦ୍ୟାନ ସ୍ଥାପନ କରାଯାଇଛି ।* ୧୮୭ ପ୍ରକାରର *ପ୍ରାୟ ୧୫୦୦୦ ଔଷଧୀୟ ବୃକ୍ଷ ଏହି ଉଦ୍ୟାନରେ ସ୍ଥାନ* ପାଇଛନ୍ତି *। ଏ' ହେରିଟେଜ୍ ଲାବ୍" ନାମକ ସଂସ୍ଥାର ବୈଷୟିକ ମାର୍ଗଦର୍ଶନ ମାଧ୍ୟମରେ ବନ ବିଭାଗ ଏହି ଉଦ୍ୟାନରେ ଅତ୍ୟନ୍ତ ଉତ୍କୃଷ୍ଟ ଧରଣର ସ୍ଥାପ* ତ୍ୟ କଳା ଏବଂ ଓ୍ୟଷଧିୟ ବୃକ୍ଷ ରୋପଣ ପଦ୍ଧତି ପ୍ରଦର୍ଶନ କରି ପାରିଛନ୍ତି ।

ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦ ରାଜ୍ୟର ସାତଟି ଜିଲ୍ଲାରେ ଔଷଧୀୟ ବୃକ୍ଷ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ବିଶ୍ୱ ବ୍ୟାଂକ୍ ରାଜ୍ୟର ଯୋଜନା ଏବଂ ସମନ୍ୱୟ ବିଭାଗ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇଛନ୍ତି । ଜାତୀୟ ଔଷଧୀୟ ବୃକ୍ଷ ପରିଷଦ କେନ୍ଦ୍ର ପ୍ରାୟୋଜିତ ଔଷଧୀୟ ବୃକ୍ଷ ଉନ୍ନତିରେ ଜାତୀୟ ମିଶନ ଭଳି ଏକ ଯୋଜନା ପ୍ରଚଳନ କରିଛନ୍ତି ଏବଂ ଅଁଳାର ଉନ୍ନତି ପାଇଁ ଜାତୀୟ ଅଭିଯାନ ଯୋଜନାରେ ଜାତୀୟ ଊଷଧୀୟ ବୃକ୍ଷ ପରିଷଦ ୪୧.୦୦ ଲକ୍ଷ ଟଂକା ମଂଜୁର କରିଛନ୍ତି । ଔଷଧୀୟ ବୃକ୍ଷ ଉତ୍ପାଦନକାରୀ ଏବଂ ବ୍ୟବସାୟୀଂକ ମଧ୍ୟରେ ଯୋଗାଯୋଗ ଏବଂ ଉତ୍ତମ ସଂପର୍କ ସ୍ଥାପନ ପାଇଁ ହର୍ବାଲ ଫେୟାରର ଆୟୋଜନ କରାଯାଉଛି । ହର୍ବାଲ ଫେୟାର ମାଧ୍ୟମରେ ଔଷଧୀୟ ବୃକ୍ଷ ଚାଷୀ, ସଂଗ୍ରହକାରୀ, ବନ ସଂରକ୍ଷଣ ସମିତି ସଦସ୍ୟ, ବୈଦ୍ୟ, ବ୍ୟବସାୟୀ, ସ୍ୱୟଂଚାଳିତ ସଂସ୍ଥା ଏବଂ ପଂଜିକୃତ ଡାକ୍ତର ଆଦି ସମସ୍ତ ବର୍ଗର ବ୍ୟକ୍ତି ମାନଂକର ପରସ୍ପର ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ କରିଥିଲେ ।

**୮. ଜଗଲ ଜମିର ନିୟୋଜନ**

୮.୧. ଅଁଳାରେ ଉନ୍ନତି ପାଇଁ ୪୧ ଲକ୍ଷ ଟଂକା ମଂଜୁର କରିଛନ୍ତି । କେନ୍ଦ୍ର ସରକାରଂକ ଜଂଗଲ ସଂରକ୍ଷଣ ଆଇନ୍ ୧୯୮୦ ଧାରା (୨) ଅନୁସାରେ କୌଣସି ଜଂଗଲ ଜମିକୁ ଅଣଜଂଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ କେଂନ୍ଦ୍ର ସରକାରଂକ ଅନୁମତି ଅନିର୍ବାଯ୍ୟ । ସେଥିପାଇଁ ୧୯୮୦ ବନ ସଂରକ୍ଷଣ ଆଇନ୍ ଅନୁସାରେ ୩୭୪ ଗୋଟି ପ୍ରକଳ୍ପ ପାଇଁ ୩୭୩୭୩.୦୫ ହେକ୍ଟର ଜଂଗଲ ଜମିକୁ ବିନିଯୋଗ କରିବା ପାଇଁ ଭାରତ ସରକାର ଅନୁମତି ପ୍ରଦାନ କରିଛନ୍ତି ।

୮.୨. ରାଜ୍ୟ ସରକାରଂକ ସଂକଳ୍ପ ଅନୁସାରେ ୧୯୮୦ ମସିହାରୁ ଜଂଗଲ ଜମିକୁ ଦଖଲରେ ରଖିଥିବା ୧୭ ଗୋଟି ଜିଲ୍ଲାର ୩,୭୫୪ ପରିବାରଂକୁ ୩୩୨୮.୪୨ ହେକ୍ଟର ଜଂଗଲ ଜମି ହସ୍ତାନ୍ତର କରିବାର ପ୍ରସ୍ତାବ କେନ୍ଦ୍ର ସରକାରଂକୁ ଦିଆଯାଇଅଛି । ସେଥିପାଇଁ ୧୫ଗୋଟି ଜିଲ୍ଲାରେ ୨୭୭୦.୧୯୫ ହେକ୍ଟର ଜଂଗଲ ଜମି ୧୯୮୦ ଜଂଗଲ ସଂରକ୍ଷଣ ଆଇନ୍ ଅନୁଯାୟୀ ନିୟମିତ  କରିବା ପାଇଁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି । ଆଉ ଦୁଇଟି ଜିଲ୍ଲାର ପ୍ରସ୍ତାବ କେଂନ୍ଦ୍ର ସରକାର ଂକ ବିଚାରାଧୀନ ଅଛି ।

## ୯. ଗବେଷଣା ଓ ପ୍ରଶିକ୍ଷଣ :

ଜଂଗଲ ସମ୍ବଧୀୟ ଗବେଷଣା  ଓ ପ୍ରଶିକ୍ଷଣ ଏବଂ ସାଧାରଣ ଜନଜୀବନରେ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । *ଏଥିନିମିତ୍ତ ଭୁବନେଶ୍ୱର ଓ ରାୟଗଡାର ସିଲ୍ଭିକଲଚରିଷ୍ଟ ବିଭିନ୍ନ ଗବେଷଣା କାର୍ଯ୍ୟକାରୀ କରାଉଛନ୍ତି । ସେମାନେ ଉନ୍ନତ କିସମର ଚାରା ଉତ୍ପାଦନ କରି  ଅଧିକ ଅମଳ ନିମିତ୍ତ କ୍ଷେତ୍ର ଅଧିକାରୀମାନଂକୁ ପ୍ରଦାନ କରୁଛନ୍ତି , । ସେମାନେ ମଧ୍ୟ ବେକାର ଯୁବକମାନଂକୁ ବଗିଚା ଓ କଲମୀ  ସମ୍ବଧୀୟ ଜ୍ଞାନ କୌଶଳ ପ୍ରଦାନ କରି ସେମାନଂକୁ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରୁଛନ୍ତି । ଫରେଷ୍ଟ ରେଂଜର କଲେଜ, ଅନୁଗୁଳ ଏବଂ ଚଂପୁଆ  ଜି.ଉଦୟଗିରି , ଘାଟିକିଆ ଓ*

*ଅନୁଗୁଳରେ ଥିବା ଫରେଷ୍ଟ ସ୍କୁଲର ମୁଖ୍ୟ ନିର୍ଦ୍ଦେଶକ ଜଂଗଲ ବିଭାଗ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି । ଜଂଗଲ ଉନ୍ନୟନ ମଂଡଳର କଂଜରଭେଟର୍ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥାନ୍ତି ।*

**୧୦. ଓଡିଶା ବାଉଁଶ ବିକାଶ ସଂସ୍ଥା**

ବାଉଁଶ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଓଡିଶା ବାଉଁଶବିକାଶ ସଂସ୍ଥା ଓ ଜାତୀୟ ବାଉଁଶ କାର୍ଯ୍ୟକାରିତାର ମିସନ୍ ( N.M.B.A. ) ସୃଷ୍ଟି କରିଅଛନ୍ତି । ଏହା ପ୍ରକଳ୍ପ *ନିର୍ଦ୍ଦେଶକ , ବିଶ୍ୱ ଖାଦ୍ୟ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଅଛି । ସଂପୂର୍ଣ୍ଣ* କେନ୍ଦ୍ରୀୟ ସହାୟତାରେ ୩.୭୯ କୋଟି ଟଂକାର ସାହାଯ୍ୟରେ ୨୦୦୬-୦୭ ମସିହାରୁ ବାଉଁଶ ଚାରାରୋପଣ କେନ୍ଦ୍ର ସୃଷ୍ଟି କରିବା, ଜଂଗଲ ଓ ଅଣଜ୍ଗଂଗଲ ଜମିରେ ଚାରାରୋପଣ କରିବା ଏବଂ କୃଷକ ଓ କ୍ଷେତ୍ର କର୍ମଚାରୀମାନଙ୍କୁ ଏହି କ୍ଷେତ୍ରରେ ତାଲିମ ଦେବା କାର୍ଯ୍ୟକ୍ରମ ଚାଲୁରହିଅଛି । ୨୦୦୯-୧୦ ଅର୍ଥିକ ବର୍ଷରେ ଏହି ମିଶନ ଅଧୀନରେ ପ୍ରଚଳିତ କାର୍ଯ୍ୟକ୍ରମରେ ୨୧୩୪ ହେକ୍ଟର ଜମିରେ ବାଉଁଶ ଚାରାରୋପଣ କରିବା ସହ ୭୭୪ ହେକ୍ଟର ଜମିରେ ୨୦୧୦-୧୧ ମସିହାରେ ଚାରା ରୋପଣ ପାଇଁ ପ୍ରାଥମିକ ପ୍ରସ୍ତୁତି ଶେଷ କରିଛନ୍ତି ।

**୧୧. ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା :**

ଏହି ଯୋଜନା ୨୦୦୬-୦୭ ଆର୍ଥୀକ ବର୍ଷରୁ କାର୍ଯ୍ୟକାରୀ ହୋଇ ଆସୁଅଛି । ୨୦୦୬-୦୭ ବେଂ ୨୦୦୭-୦୮ ଏବଂ ୨୦୦୮-୦୯ ଆର୍ଥୀକ ବର୍ଷରେ ଯଥାକ୍ରମେ ୨୭୪ ଲକ୍ଷ ଏବଂ ୪୯୨ ଲକ୍ଷ ଟଂକା ଏବଂ ୮୪୨ ଲକ୍ଷ ଟଂକା ଜଂଗଲ ବିଭାଗର ଶ୍ରମଭିତ୍ତିକ କାର୍ଯ୍ୟରେ ଖର୍ଚ୍ଚ କରାଯାଇଅଛି । ସେଗୁଡିକ ହେଲା ପୁନଃ ଜଂଗଲ ସୃଷ୍ଟି , ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ଓ ଅମଳ, ଜଂଗଲ ରାସ୍ତା ଓ ସୀମା ମରାମତି, ଚାରାଗଛ ଉତ୍ପାଦନ ଏବଂ ବୃକ୍ଷରୋପଣ

ଇତ୍ୟାଦି । ୨୦୦୯-୧୦ ଆର୍ଥିକ ବର୍ଷରେ ଏହି ଯୋଜନା ରାଜ୍ୟର ୩୦ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ୨୦୦୯-୧୦ ବର୍ଷରେ ୨୦୦୯ ନଭେମ୍ବର ମାସ ସୁଦ୍ଧା ୫୪୪ ଲକ୍ଷ ଟଙ୍କା ଉପରୋକ୍ତ ଶ୍ରମଭିତ୍ତିକ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଇଅଛି ।

**୧୭. କେଂଦୁପତ୍ର ବ୍ୟବସାୟ**

୧୭.୧. ରାଜ୍ୟରେ କେନ୍ଦୁପତ୍ର ବ୍ୟବସାୟ ୧୯୭୩ ମସିହାଠାରୁ ଜାତୀୟକରଣ କରାଯାଇଛି । ବନ ବିଭାଗ କେନ୍ଦୁପତ୍ର ସଂଗ୍ରହ, ଛଟେଇ, ବଂଧେଇ ଆଦି ଉତ୍ପାଦନ ଭିତ୍ତିକ କାର୍ଯ୍ୟକ୍ରମ କରିଥାନ୍ତି । ରାଜ୍ୟ ବନ ଉନ୍ନୟନ ନିଗମ କମିଶନ ପ୍ରାପ୍ତ ହୋଇ ରାଜ୍ୟ ସରକାରଂକ ତରଫରୁ ଏହାକୁ ବିକ୍ରୟ କରିଥାନ୍ତି । କେନ୍ଦୁପତ୍ର ଉତ୍ପାଦନ ଏବଂ ବ୍ୟବସାୟ ରାଜ୍ୟର ଗ୍ରାମୀଣ ଜନସାଧାରଣଂକୁ କର୍ମ ଯୋଗାଣରେ ସାହାଯ୍ୟ କରିଥାଏ । ରାଜ୍ୟର ୨୩ଟି ଜିଲ୍ଲାରେ ଥିବା ୭୪୫୬ ଗୋଟି *ଫଂଡି( ପତ୍ର ସଂଗ୍ରହ ସ୍ଥାନ) ମାନଂକରେ କେଂଦୁପତ୍ର* ତୋଳାଳୀ ମାନଂକୁ ଠାରୁ ପତ୍ର ସଂଗ୍ରହ କରାଯାଇଥାଏ । କେଂଦୁପତ୍ରର ଉପଯୁକ୍ତ ସୁରକ୍ଷା ପାଇଁ ରାଜ୍ୟରେ ୧୦୦୩ ଟି କେଂନ୍ଦ୍ରୀୟ ଗୋଦାମ ରହିଅଛି ।

୧୭.୨. ୨୦୦୯ କେଂଦୁପତ୍ର ଉତ୍ପାଦନ ବର୍ଷରେ ୪ ଲକ୍ଷ ୪୬ ହଜାର କୁଇଣ୍ଟାଲ କେଂଦୁପତ୍ର ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୪ ଲକ୍ଷ ୪୧ ହଜାର କୁଇଣ୍ଟାଲ କେଂଦୁପତ୍ର ଉତ୍ପାଦିତ ହୋଇଥିଲା । ପ୍ରାୟ ୭ ଲକ୍ଷ ୫୯ହଜାର ପତ୍ର ତୋଳାଳୀ କେଂଦୁପତ୍ର ସଂଗ୍ରହ କାର୍ଯ୍ୟ କରିଥିଲେ । ୨୦୦୯ କେଂଦୁପତ୍ର ଉତ୍ପାଦନ ବର୍ଷରେ ୧୩୦ ରୁ ୧୬୦ ଲକ୍ଷ ପ୍ରାୟ ଶ୍ରମଦିବସ ସୃଷ୍ଟି ହୋଇଥିଲା । କେଂଦୁପତ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ଫଂଡି କମିଟି ମାନ ଗଠନ କରାଯାଇଛି ।

*୨୦୦୯ ବର୍ଷରେ କେନ୍ଦୁପତ୍ର ସଂଗ୍ରହର ଦର ୨୦ ପତ୍ର ବିଶିଷ୍ଟ କେରୀ ପିଚ୍ଛା ୬୯ ପଇସା ଧାର୍ଯ୍ୟ କରାଯାଇଥିଲା । ଅବସର ପ୍ରାପ୍ତ କେନ୍ଦୁପତ୍ର ସିଜନାଲ୍ କମିଶ୍ନରୀମାନଙ୍କୁ ଗ୍ରାଚୁଇଟି ବାବଦରେ ୧୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୭.୫୯ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଙ୍କୁ ପ୍ରତ୍ୟେକଙ୍କ କୁ ହଳେ ଚପଲ କିଣିବାକୁ ୬୭ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।*

*୧୬.୩ (କ)* କେନ୍ଦୁପତ୍ର ଉତ୍ପାଦନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ରାଜ୍ୟ ବନ ଉନ୍ନୟନ ନିଗମ ଯୋଗାଇ ଥାଆନ୍ତି । ପରିଶେଷରେ ରାଜ୍ୟ ସରକାରଙ୍କ ତରଫରୁ ନିଗମ କେନ୍ଦୁପତ୍ର ବିକ୍ରୟ କରିଥାନ୍ତି ।

(ଖ) କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟରେ ନିୟୋଜିତ ତୋଳାଳୀ ଏବଂ ବଂଧେଇ ଶ୍ରିମିକଙ୍କ ନିମିତ୍ତ ଉନ୍ନୟନ ପାଣ୍ଠି ୨୦୦୭ ମସିହାରେ ଗଠନ କରାଯାଇ କାର୍ଯ୍ୟକାରୀ କରାଯାଇଛି । ଯଦି କୌଣସି ସଦସ୍ୟ ମୃତ୍ୟୁବରଣ କରନ୍ତି ତେବେ ତାଂକ ଉତ୍ତରାଧିକାରୀଂକୁ ୫୦ ହଜାର ଟଙ୍କା ଏହି ପାଣ୍ଠିରୁ ପ୍ରଦାନ କରାଯାଇଥାଏ । ପୁନଶ୍ଚ ଯଦି କୌଣସି ସଦସ୍ୟ ଅକ୍ଷମ ହୋଇଯାଆନ୍ତି ତେବେ ତାଂକୁ ୨୫ ହଜାର ଟଙ୍କା ଯୋଗାଇ ଦିଆଯାଇଥାଏ । ଏହି ଉନ୍ନୟନ ପାଣ୍ଠି ଟ୍ରଷ୍ଟରେ ଦୁଇ ଲକ୍ଷ ସଦସ୍ୟ ପଂଜିକୃତ ହୋଇଚୁନ୍ତି ଏବଂ ଡିସେମ୍ବର ୨୦୦୮ ସୁଦ୍ଧା ୮୧ ଟି ମୃତ ସଦସ୍ୟଂକ ଉତ୍ତରାଧିକାରୀଂକୁ ୪୧ ଲକ୍ଷ୍ୟ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି ।

୧୩. **ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକ୍ରମ :**

୧୩.୧. ବନ୍ୟପ୍ରାଣୀ ଏବଂ ସେମାନଙ୍କ ବାସସ୍ଥାନର ସଂରକ୍ଷଣ ତଥା ୨୦ ଟି ବିଜ୍ଞାପିତ ସୁରକ୍ଷିତ ଜଂଗଲ ଅଂଚଳର ସଂରକ୍ଷଣ ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟ । ଏହି ବିଜ୍ଞାପିତ ସଂରକ୍ଷିତ ବନାଂଚଳ ମଧ୍ୟରେ ରହିଛି , ସିମିଳିପାଳ ବ୍ୟାଘ୍ର ପ୍ରକଳ୍ପ , ଗହୀର ମଥା ସାମୁଦ୍ରିକ ଅଂଚଳ, ଭିତରକନିକା ଜାତୀୟ ଉଦ୍ୟାନ ,

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଏବଂ ୧୭ ଟି ଅନ୍ୟାନ୍ୟ ବିଜ୍ଞାପିତ ଅଂଚଳ । ଏହା ୯୦୦୯.୮୨ ବର୍ଗ କି.ମି.ରେ ପରିବ୍ୟାପ୍ତ ଏବଂ ଏଥିରେ ୧୪୦୮ ବର୍ଗ କି.ମି. ଉପକୂଳ ଅଂଚଳ ରହିଛି । ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ଭାବରେ ବିଜ୍ଞାପିତ ହୋଇଥିବା ଅଂଚଳ, ରାଜ୍ୟର ଭୌଗଳିକ କ୍ଷେତ୍ରଫଳର ୪.୨୫ % ଭାଗ ଅଟେ ।

ବନ୍ୟପ୍ରାଣୀ ସଂରକ୍ଷଣର ମୁଖ୍ୟ ଦିଗ :

୧. ରାଜ୍ୟର ୯ ଗୋଟି ସଂରକ୍ଷିତ ଅଂଚଳ ନିମନ୍ତେ ପରିଚାଳନା ଯୋଜନା ପ୍ରସ୍ତୁତି *ସଂପୂର୍ଣ୍ଣ କରାଯିବା ସହିତ ଅନ୍ୟ ୧୧ ଗୋଟି ସଂରକ୍ଷିତ ଅଂଚଳ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଉଅଛି ।*

୨. ରାଜ୍ୟର ସମସ୍ତ ବନଖଣ୍ଡ ନିମନ୍ତେ ପ୍ରସ୍ତୁତ କାର୍ଯ୍ୟକ୍ରମ ଯୋଜନା (Working Plan) ରେ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକ୍ରମ ନିମନ୍ତେ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇଅଛି ।

୩. ବନ୍ୟପ୍ରାଣୀ ଆବାସସ୍ଥଳୀ ଗୁଡିକର ବର୍ଗୀକରଣ କରାଯାଇ ସେଗୁଡିକର ସଂରକ୍ଷଣ ନିମନ୍ତେ ପରିସ୍ଥିତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଅଛି ।

୪. ବନ୍ୟଜନ୍ତୁ ବହୁଳ ଅଂଚଳରେ ଶୀକାର ପ୍ରତିହତ ନିମନ୍ତେ ନିରନ୍ତର ପଇନ୍ତରାର ବ୍ୟବସ୍ଥା ଗ୍ରହଣ କରାଯାଇଅଛି ।

୫. ବନ୍ୟଜନ୍ତୁ ତଥା ଏମାନଂକ ଆବାସସ୍ଥଳୀ ସଂରକ୍ଷଣ ତଥା ଉନ୍ନତି ନିମନ୍ତେ ଜଳ ଅମଳ ପ୍ରକଳ୍ପ ଆଦିର ବ୍ୟବସ୍ଥା କରାଯାଇଅଛି ।

୬. ଜଂଗଲରେ ନିଆଁ ନଲାଗିବା ତଥା ଶୀକାର ପ୍ରତିହତ ନିମନ୍ତେ ସ୍ଥାନୀୟ ଗ୍ରାମବାସୀମାନଂକୁ ପ୍ରୋତ୍ସାହନ ଭିତ୍ତିକ ଜଂଗଲ ସଂରକ୍ଷଣର ବ୍ୟବସ୍ଥା ଗ୍ରହଣ କରାଯାଉଅଛି ।

**୧୩.୨. ବ୍ୟାଘ୍ର ସଂରକ୍ଷଣ**

ମୟୁରଭଂଜ ଜିଲ୍ଲାର ଶିମିଳିପାଳଠାରେ ୧୯୭୩ ମସିହାରେ ପ୍ରଥମ ବ୍ୟାଘ୍ର ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ୨୦୦୮-୦୯ ମସିହାରେ ଅନୁଗୁଳ ଜିଲ୍ଲାରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ବିଜ୍ଞାପିତ ହୋଇଅଛି । ଶିମିଳିପାଳ ଠାରେ ବାଘ, ଅନ୍ୟାନ୍ୟ ଜୀବଜନ୍ତୁ ଏବଂ ଏମାନଂକର ବାସସ୍ଥଳୀର ସୁରକ୍ଷା ନିମନ୍ତେ ୧୭୭ ଜଣ ସବୁଜ ବାହିନୀ ସ୍ୱଚ୍ଛାସେବୀ ତଥା ୪୪ ଜଣ ଅବସର ପ୍ରାପ୍ତ ସାମରିକି କର୍ମଚ଼ାରୀଂକୁ ୯୮ ଗୋଟି ଶୀକାର ପ୍ରତିରୋଧ ଶିବିର ମାଧ୍ୟମରେ ଚିରାଚରିତ ଅଖଣ୍ଡ ଶୀକାର ବଂଦ କରିବା ପାଇଁ ନିୟୋଜିବ କରାଯାଇଛି ।

ସ୍ଥାନୀୟ ଗ୍ରାମବାସୀ ମାନଂକୁ ପ୍ରୋତ୍ସାହନ ତଥା କର୍ମଯୋଗାଣ ନିମନ୍ତେ ଶିମିଳିପାଳକୁ ଆସୁଥିବା ପର୍ଯ୍ୟଟକ ମାନଂକର ରହିବା ଏବଂ ବୁଲିବା ଦାୟିତ୍ୱ ଏମାନଂକ ଦ୍ୱାରା ଗଠିତ Eco Tourism Society ଶିମିଳିପାଳ ହାତରେ ନ୍ୟସ୍ତ କରାଯାଇଅଛି । ଗତ ୨୦୦୮-୦୯ ବର୍ଷରେ (ନଭେମ୍ବର,୦୮ ସୁଦ୍ଧା) ୧୫,୨୬୯ ଜଣ ପର୍ଯ୍ୟଟକ (ଏମାନଂକ ମଧ୍ୟରୁ ୧୭୪ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି ) ଶିମିଳିପାଳକୁ ଆସିଛନ୍ତି । ୨୦୦୯ ମସିହା ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ସନ୍ତ୍ରାସବାଦୀଂକ କାର୍ଯ୍ୟକଳାପ ଯୋଗୁଁ ଶିମିଳିପାଳ ବ୍ୟାଘ୍ର *ପ୍ରକଳ୍ପ ମଧ୍ୟରେ ଘର ଦ୍ୱାର, ରାସ୍ତା ଏବଂ ବେତାର କେଂଦ୍ର ମାନଂକରେ କ୍ଷୟ* କ୍ଷତି ଘଟିଅଛି ।

୧୩.୩ ହସ୍ତୀ ପରିଚାଳନା ଯୋଜନା

ହାତୀ ଆକ୍ରମଣ ପ୍ରତିହତ ନିମନ୍ତେ ଜଣେ କିମ୍ବା ୨ ଜଣ ବନପାଳ / ବନରକ୍ଷୀଂକ ତତ୍ତ୍ୱାବଧାନରେ ୪-୬ ଜଣ ସ୍ଥାନୀୟ ଲୋକଂକୁ ନେଇ ରାଜ୍ୟରେ ୫୪ ଗୋଟି ଶିକାର ପ୍ରତିରୋଧ *ଶିବିର ସ୍ଥାପନ* କରାଯାଇଅଛି ।

ହାତୀ ମାନଙ୍କର ଗତିବିଧି ନିରୀକ୍ଷଣ କରି ଆଗୁଆ *ପଦକ୍ଷେପ ନିମନ୍ତେ ଜଂଗଲ ଅଧିକାରୀ ମାନଙ୍କୁ ସୂଚନା ଦେବା  ନିମନ୍ତେ ୪୭ ଜଣ ହାତୀ ଅନୁସରଣକାରୀ ମୁତୟନ କରାଯାଇଛି ।*

ହାତୀମାନଙ୍କ ଦ୍ୱାରା ଜଂଗାରୁଜା ହେଉଥିବା ଅଂଚଳରେ ହାତୀ ଘଉଡାଇବା ନିମନ୍ତେ ଗ୍ରାମବାସୀ ମାନଙ୍କୁ ଉଜ୍ୱଳ ଆଲୋକ ପ୍ର*ଦାନକାରୀ ଟର୍ଚ୍ଚ, ବାଣ, ଡାକବାଜୀଯନ୍ତ୍ର,। ଢୁଳା ଇତ୍ୟାଦି ଯୋଗାଇବାର ବ୍ୟବସ୍ଥା କରାଯାଇଛି । ସମସ୍ତ ବକେୟା ଅନୁକଂପା ମୂଳକ ଅନୁଦାନ ପ୍ରଦାନ କରାଯାଇଛି ।*

ହାତୀ ଆବାସ ସ୍ଥଳୀରେ ଖାଦ୍ୟ ଓ ପାନୀୟ ଉପଯୁକ୍ତ ପରିମାଣରେ ଉପଲବଧ ନିମନ୍ତେ ଜଳ ଭଂଡାର  ତଥା ଖାଦ୍ୟ ଉପଯୋଗୀ ଗଛରୋପଣ କରାଯିବା ସହିତ ଜଂଗଲରେ ନିଆଁ ନଲାଗିବାର ବ୍ୟବସ୍ଥା କରାଯାଇଛି ।

ହାତୀମାନଙ୍କୁ ଜଂଗଲ ମଧ୍ୟରେ ଆବଦ୍ଧ କରି ରଖିବା ନିମନ୍ତେ ବର୍ତ୍ତମାନ ସୁଦ୍ଧା ୭୭.୪ କିଲୋମିଟର ଖାଇ/ *ପଥରବାଡ ଏବଂ ୯୩.୫ କିଲୋମିଟର ସୌରଶକ୍ତି ସଂପନ୍ନ ବୈଦୁତିକ ତାରବାଡର ବ୍ୟବସ୍ଥା ଚଂନ୍ଦକା , ଢେଂକାନାଳ , ଅନୁଗୁଳ ଏବଂ କେଂନ୍ଦୁଝର ବନଖଂଡରେ କରାଯାଇଅଛି । ଚଳିତ ବର୍ଷ ଏହା ଆଠମଲ୍ଲିକ ଏବଂ ବାମରା ବନଖଂଡକୁ ସଂପ୍ରସାରିତ କରାଯାଉଅଛି । ରାଜ୍ୟରେ ମାନବ ଏବଂ ବନ୍ୟଜନ୍ତୁଂକ ମୁକାବିଲାର ସମାଧାନ ପାଇଁ ଏକ ।ପାଂଚବର୍ଷୀୟ* (୨୦୦୯-୧୦ ରୁ ୨୦୧୩-୧୪) ହସ୍ତୀ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରାଯାଇଛି । ଚନ୍ଦକା-ଡମପଡା ଅଭୟାରଣ୍ୟ ର ବଣୁଆ ହାତୀ ମାନଙ୍କର ଚଳପ୍ରଚଳ ଏବଂ ଗତିବିଧିକୁ ଅଭୟାରଣ୍ୟ ମଧ୍ୟରେ ସୀମିତ ରଖିବା ପାଇଁଏହାର ପରିସୀମାରେ ନୂତନ ଟ୍ରେଂଚ, ପ୍ରାଚୀର ନିର୍ମାଣ ଓ ଅନେକ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି ।

**୧୩.୪ <u>ଭୌତିକ ଏବଂ ଆର୍ଥିକ ସଫଳତା</u>**

- ୨୦୦୦-୦୧ ମସିହା ଠାରୁ ୨୦୦୮-୦୯ ମସିହା ମଧ୍ୟରେ ରାଜ୍ୟରେ ୨୫୫୧.୬୭ ହେକ୍ଟର ନୂତନ ହେନ୍ତାଳ ଜଂଗଲ ସୃଷ୍ଟି କରାଯାଇଅଛି ୨୦୦୯-୧୦ ମସିହାରେ ସମୁଦ୍ରତଟ ବେଳାଭୂମିର ମୃତ୍ତିକା ସଂରକ୍ଷଣ ବେଂ ଉନ୍ନତି ନିମିତ୍ତ ୬୧୦ ହେକ୍ଟର ଲୁଣା ଜଂଗଲ କୃତ୍ରିମ ଉପାୟରେ ସୃଷ୍ଟି କରାଯାଇଛି । ପୁନଶ୍ଚ ୨୦୧୦-୧୧ ଆର୍ଥିକ ବର୍ଷରେ ୩୪୦ ହେକ୍ଟର ଲୁଣା ଜଂଗଲ କୃତ୍ରିମ ଉପାୟରେ ସୃଷ୍ଟି ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।
- ୨୦୦୯-୧୦ ଆର୍ଥିକ ବର୍ଷରେ ବନ୍ୟଜନ୍ତୁଂକ ଦ୍ୱାରା କ୍ଷତିଗ୍ରସ୍ତ ଜନସାଧାରଣଂକୁ ଅଣଯୋଜନା ବ୍ୟୟ ବରାଦରୁ ୧୧୭ ଲକ୍ଷ ଏବଂ ଯୋଜନା ବ୍ୟୟ ବରାଦରୁ ୧୧୯.୩୪ ଲକ୍ଷ ଟଂକାର ଅନୁକଂପାମୂଳକ ସାହାଯ୍ୟ ପ୍ରଦାନ କରାଯାଇଅଛି ।
- ନଂଦନକାନନକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଏହାର ପ୍ରବେଶପଥ, ଯାନବାହାନର ରହଣୀସ୍ଥଳ, ଶିଶୁ ରେଳଗାଡି, ଡଂଗାଘାଟ ଏବଂ ଅନେକ ଜନ୍ତୁ enclosure ର ଉନ୍ନତିକରଣ ତଥା ପୁନଃ ନିର୍ମାଣ କରାଯାଇଅଛି । ମୋଗଲ ଉଦ୍ୟାନ, ପାରିବାରିକ ଉଦ୍ୟାନ, ସ୍ପାଇସେସ୍ ଉଦ୍ୟାନ ଓ ଜାପାନୀ ଉଦ୍ୟାନ ସୃଷ୍ଟିକରି ଏହାର ସୌଂଦର୍ଯ୍ୟ ବୃଦ୍ଧି କରିବା ସହ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଉଛି ।
- ୨୦୦୯-୧୦ ବର୍ଷ ଚିଲିକା ହ୍ରଦକୁ ୧୦୧ ପ୍ରକାରର ପ୍ରାୟ ୯.୦୪ ଲକ୍ଷ ବ୍ରାଜକ ପକ୍ଷୀ ଆସିଛନ୍ତି । ୨୦୦୯ ମସିହା ଜାନୁୟାରୀ ମାସରେ ଭିତରକନିକା ଓ ତତ୍ସଂଲଗ୍ନ ଜଳରାଶି ଅଂଚଳରେ ୧,୬୨୭ ଟି କୁମ୍ଭୀର

ଗଣନା କରାଯାଇଛି । ୨୦୦୯ ଗଣନା ଅନୁଯାୟୀ ଏହା ଶତକଡା ୨% ଭାଗ ଅଧିକ ।

- ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ୫୨ ଗୋଟି ନିରିକ୍ଷଣ କେନ୍ଦ୍ର ସମୁଦ୍ର ତଟରେ ସ୍ଥାପନ କରାଯାଇଛି । ୨୦ ଟି ଟ୍ରଲର ସହିତ ୩୦ ଟି ମାଚ୍ଛମରା ଡଂଗା ୨ ଟି ଗିଲ୍ ୍ନେଟ୍ ଏବଂ ୮ ଟି ଯନ୍ତ୍ରଚାଳିତ ଡଂଗାକୁ ଜବତ କରାଯାଇଛି । ୬୪ ଟି ଭ୍ରାମ୍ୟମାଣଦଳ ଏଥିରେ ନିୟୋଜିତ ଅଛନ୍ତି । ଗତବର୍ଷ ଗହିରମଥାରେ ୩.୫୭ ଲକ୍ଷ ଓ ରୁଶିକୁଲ୍ୟା ମୁହାଣ ବେଳାଭୂମିରେ ୧.୫୬ ଲକ୍ଷ ଅଲିଭ ରିଡଲେ ସମୁଦ୍ର କଇଁଛ ଅଣ୍ଡାଦାନ କରିଥିବାର ଆକଳନ କରାଯାଇଛି ।
- ୨୦୦୮-୦୯ ମସିହା ନଭେମ୍ବର ମାସ ସୁଦ୍ଧା ୭୪ ଟି ମକଦ୍ଦମା ରୁଜୁ କରାଯାଇ ୯୭ ଜଣ ଅପରାଧିଙ୍କୁ ଧରାଯାଇଅଛି ।
- ୨୦୦୯-୧୦ ମସିହାରେ ୬୬ ମୋକଦମା ରୁଜୁ କରାଯାଇ ୨୧୦ ଜଣ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରାଯାଇଛି ।
- ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ମାନଙ୍କର digitised ନକ୍ସା ପ୍ରସ୍ତୁତ କରାଯାଉଅଛି ।
- ଶିମିଳିପାଳ, ଚିଲିକା, ସୁନାବେଢ଼ା ଏବଂ କୁଲ୍‌ଡିହା ଅଭୟାରଣ୍ୟ ଅଂଚଳରେ EcoTourism ର ବିକାଶ ପାଇଁ ବିତ୍ତିଭୂମି ପ୍ରତିଷ୍ଠା କରାଯାଇଛି । ସାତକୋଶିଆ, ହାଦଗଡ଼,ଚନ୍ଦକା ଏବଂ ବାଲୁଖଣ୍ଡ ଭିତରକନିକା, ଦେବଗଡ ଅଭୟାରଣ୍ୟକୁ ମଧ୍ୟ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ଏସବୁ ଅଭୟାରଣ୍ୟର ଉନ୍ନତି ନିମିତ୍ତ ଆହୁରି ଅନେକ ପଦକ୍ଷେପ ନିଆଯାଇଛି ।

**୧୪. ଓଡିଶା ବନ ଉନ୍ନୟନ ନିଗମ**

୧୪.୧. ଅନୁମୋଦିତ ହୋଇଥିବା କାର୍ଯ୍ୟକାରୀ ଯୋଜନା ଅନୁଯାୟୀ ଓଡିଶାର ୧୩ଟି ବନଖଣ୍ଡରେ ରାଜ୍ୟ ବନ ଉନ୍ନୟନ ନିଗମର ଜଂଗଲ କୁପ୍ କାମ ଆରମ୍ଭ କରିଛନ୍ତି । ୨୦୦୯-୧୦ ବର୍ଷରେ ୨୬୭୮୫ ଘନମିଟର କାଠ ଏବଂ ୧୯୮୦୮ ମେଟ୍ରିକଟନ୍ ଜାଳକାଠ ଉତ୍ପାଦିତ ହୋଇଅଛି । ଏଥିରେ  ନିଗମ ୪୨ କୋଟି ୫୦ ଲକ୍ଷ ଟଂକାର ବ୍ୟବସାୟ କରିଛନ୍ତି । ୨୦୦୯-୧୦ ବର୍ଷରେ ନିଗମ ୩୦୫୮୬ ଘନମିଟର ଗୋଲେଇ ଓ ୨୨୭୩୮ ମେଟ୍ରିକଟନ ଛାଳ କାଠ ଜନସାଧାରଣଂକୁ ବିକ୍ରୟ କରିଛନ୍ତି । କାଠ ବ୍ୟବସାୟରେ ନିଗମ ସରକାରୀ ରାଜକୋଷକୁ ୧୪ କୋଟି ୧୪ ଲକ୍ଷ ଟଂକା ରୟାଲ୍ଟି ବାବଦକୁ ଦେଇଛନ୍ତି ।

୧୪.୨. ବର୍ତ୍ତମାନ ବନ ଉନ୍ନୟନ ନିଗମ ରାଜ୍ୟରେ ୮ ଟି କରତ କଳ ପ*ରିଚାଳନା* କରୁଛନ୍ତି । ୨୦୧୦-୧୧ ମସିହାରେ ଅଧିକ ୨୫ଟି କରତକଳ ସ୍ଥାପନ ପାଇଁ ପ୍ରସ୍ତାବ ଅଛି ।

୧୪.୩. ବଲାରପୁର ଶିଳ୍ପୋଦ୍ୟୋଗ ଏବଂ ଜେ.କେ.କାଗଜ ସଂସ୍ଥାଂକ ମାଧ୍ୟମରେ ଓଡିଶା ବନ ଉନ୍ନୟନ ନିଗମ ରାଜ୍ୟର ବନାଂଚଳରୁ ବାଉଁଶ ଉତ୍ପାଦନ କରୁଛନ୍ତି । ୨୦୦୮-୦୯ ମସିହାରେ ୭୭୮୪୯ ମେଟ୍ରିକଟନ ବାଉଁଶ ଉତ୍ପାଦନ ତୁଳନାରେ ୨୦୦୯-୧୦ ବର୍ଷ ପାଇଁ ୮୦୦୦୦ମୋଟ୍ରିକଟନ ବାଉଁଶ ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏ ବାବଦରେ ନିଗମ ସରକାରୀ ରାଜକୋଷକୁ ୩ କୋଟି ୫୦ ଲକ୍ଷ ଟଂକା ରୟାଲଟି ଆକାରରେ ପ୍ରଦାନ କରିଛନ୍ତି ।

୧୪.୪. ୨୦୦୯-୧୦ ବର୍ଷରେ ନିଗମ ୪ ଲକ୍ଷ ୩୨ ହଜାର କୁଇଣ୍ଟାଲ କେଂନ୍ଦୁପତ୍ର ବିକ୍ରୟ କରିବା ପାଇଁ ବନବିଭାଗ ଠାରୁ  ପାଇଛନ୍ତି । ପୂର୍ବ ବର୍ଷର ଗଚ୍ଛିତ ଓ ଏହି ବର୍ଷ ସଂଗ୍ରହ କରଥିବା କେଂନ୍ଦୁପତ୍ରରୁ  ୪ ଲକ୍ଷ ୪୨ ହଜାର କୁଇଣ୍ଟାଲ କେଂନ୍ଦୁପତ୍ର ୩୦୧

କୋଟି ଟଙ୍କାରେ ବିକ୍ରୟ କରାଯାଇଅଛି । ଏହି କେନ୍ଦୁପତ୍ରର ଉତ୍ପାଦନ ଖର୍ଚ୍ଚ ବାବଦରେ ନିଗମ ୧୪୮ କୋଟି ଟଙ୍କା ପ୍ରଦାନ କରିଛନ୍ତି ।

୧୪.୫. ଭାରତୀୟ ତୈଳ ନିଗମ, ଧାମରା ପୋର୍ଟ୍ କଂପାନୀ, ଭୁବନେଶ୍ୱର ମହାନଗର ନିଗମ, ରେଳ ବିଭାଗ, ନାଲ୍କୋ, ପାରାଦୀପ ପୋର୍ଟ୍, ମହାନଦୀ କୋଇଲା କଂପାନୀ ଆଦି ସଂସ୍ଥା ମାନଙ୍କ ଆର୍ଥିକ ସମ୍ବଳରେ ବନ ଉନ୍ନୟନ ନିଗମ ସେ ସବୁ ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି ବିବଦରେ ନିଗମ ୨୦୦୯-୧୦ ଆର୍ଥିକ ବର୍ଷରେ ୧୦୫ ଲକ୍ଷ ଟଙ୍କା ଆୟ କରିଅଛି ।

୧୪.୬. ୨୦୦୮-୦୯ ବର୍ଷରେ ଓ ୨୦୦୯-୧୦ ଆର୍ଥିକ ବର୍ଷରେ ନିଗମର ୧୪୭ ଜଣ କର୍ମଚାରୀ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି ।

୧୪.୭. ବନ ଉନ୍ନୟନ ଟିକସ ବାବଦରେ କାଠ, କେନ୍ଦୁପତ୍ର ଏବଂବାଉଁଶ ବ୍ୟବସାୟରୁ ନିଗମ ୨୨ କୋଟି ୧୮ ଲକ୍ଷ ଟଙ୍କା ସଂଗ୍ରହ କରି ସରକାର ରାଜକୋଷକୁ ପ୍ରଦାନ କରିଛନ୍ତି ।

୧୪.୮. ରାଜ୍ୟ ଉଦ୍ୟାନ ନିର୍ଦ୍ଦେଶାଳୟ ଏବଂ କେରଳ କାଜୁ ଉନ୍ନୟନ ବୋର୍ଡଙ୍କ ସହାୟତାରେ ରାଜ୍ୟ ବନ ନିଗମ ରାଜ୍ୟରେ କାଜୁ ବୃକ୍ଷ ରୋପଣ ଓ ପୁନଃ ସ୍ଥାରୁଣ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

୧୪.୯. ରବର, ମହୁ, ଆଚାର ଏବଂ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟର ବ୍ୟବସାୟରୁ ବନ ଉନ୍ନୟନ ନିଗମ ଏହି ଆର୍ଥକ ବର୍ଷରେ ୨୪.୬୭ ଲକ୍ଷ ଟଙ୍କାର ରାଜ୍ୟସ୍ୱ ପାଇଛନ୍ତି ।

## <u>୧୫.</u> <u>ପରିବେଶ ଶାଖା</u>

ପରିବେଶ ଶାଖା ରାଜ୍ୟରେ ପରିବେଶର ସୁରକ୍ଷା , ପରିଚାଳନା, ସଂରକ୍ଷଣ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟା କରୁଅଛି । ପରିବେଶ ଶାଖାର ପ୍ରଶାସନିକ ନିୟନ୍ତ୍ରଣରେ ନମ୍ନୋକ୍ତ ୬ ଗୋଟି ସଂସ୍ଥା କାର୍ଯ୍ୟ କରୁଅଛି ।

(କ) ଅପଲି ଅଧିକାରୀ

(ଖ) ପରିବେଶୀୟ ପ୍ରଭାବ ର୍ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓ ରାଜ୍ୟ ମୂଲ୍ୟ ନିର୍ଦ୍ଧାରଣ ପ୍ରବୀଣ କମିଟି

(ଗ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ୍

(ଘ) ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ

(ଙ) ଆଂଚଳିକ ଉଦ୍ଭିଦ ସଂପଦ କେଂନ୍ଦ୍ର

(ଚ) ପରିବେଶ ଶିକ୍ଷଣ କେଂନ୍ଦ୍ର

**୧୫.୧ ଅପିଲ ପ୍ରାଧିକାରୀ ।**

ଜଳ (ପ୍ରଦୂଷଣ ଓ ନିରାକରଣ) ଆଇନ ୧୯୭୪, ବାୟୁ (ପ୍ରଦୂଷଣ ଓ ନିରାକରଣ) ଆଇନ,୧୯୮୧ ଓ ଡାକ୍ତରୀ ଜୈବ ବର୍ଜ୍ୟବସ୍ତୁ (ପାରିଚାଳନା ଓ ବ୍ୟବହାର ନିୟମ,୧୯୯୮ ଅନ୍ତର୍ଗତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଉଥିବା ଆଦେଶର ଖିଲାପରେ ଅପିଲ ଶୁଣାଣୀ ପାଇଁ ରାଜ୍ୟ ସରକାର ତିନୋଟି ଅପିଲ ପ୍ରାଧିକାର ଗଠନ କରିଛନ୍ତି । ହେି ବର୍ଷରେ ସମୁଦାୟ ୧୬ ଟି ବୈଠକ ବସିଥିଲା, ୫ ଟି ଅପିଲ ଗ୍ରହଣ କରାଯାଇଛି, ତନ୍ମଧ୍ୟରୁ ୧ ଟି ଜଳ ଆଇନ ଓ ୭ ଟି ବାୟୁ ଆଇନ ଅନ୍ତର୍ଗତ, ବିଗତ ବର୍ଷରେ ଥିବା ଅପିଲ ଓ ଏହି ବର୍ଷର ଅପିଲ ଗୁଡିକ ଶୁଣାଣୀ କରାଯାଇ ଜଳ ଆଇନରେ ୧ଟି ଓ ବାୟୁ ଆଇନରେ ୧୨ଟି ଅପିଲକୁ ଫଇସଲା କରାଯାଇଛି ବର୍ତ୍ତମାନ କେବଳବାୟୁ ଆଇନ୍‌ରେ ୩ ଟି ଓ ଡାକ୍ତରୀ ବର୍ଜ୍ୟବସ୍ତୁ ନିୟମରେ ୩ ଟି ଅପିଲ ଫଇସଲା ପାଇଁ ରହିଛି ।

*୧୫.୭.(କ) ଉପକୂଳ ଅଂଚଳ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବା ଏବଂ ଉପକୂଳ* ଅଂଚଳ ନିୟମାବଳୀ ଉଲଂଘନରେ ତଦାରଖ କରିବା ନିମିତ୍ତ ଭାରତ ସରକାରଂକ ଦ୍ୱାରା ଓଡିଶା ରାଜ୍ୟ ଉପକୂଳ ଅଂଚଳ ପରିଚାଳନା କର୍ତ୍ତୃପକ୍ଷ ଗଠନ କରାଯାଇଛି । ଉପରୋକ୍ତ କର୍ତ୍ତୃପକ୍ଷ ବାଂକର ତା ୩.୧୦.୦୮ ରିଖର ସଭାରେ ଉପକୂଳବର୍ତ୍ତୀ ଅଂଚଳରେ ହେବାକୁ ଥିବା ୬ଗୋଟି ପ୍ରକଳ୍ପ ପ୍ରସ୍ତାବକୁ କେଂନ୍ଦ୍ର ସରକାରଂକ ନିକଟକୁ ପରିବେଶ ସହମତି ନିମିତ୍ତ ସୁପାରିଶ କରିଛନ୍ତି । ଯଥା- ବାଲେଶ୍ୱର ଜିଲ୍ଲାର ବାହାବାଲପୁର ଏବଂ ଭଦ୍ରକ ଜିଲ୍ଲାର ଚୁଡାମଣି ଠାରେ ମତ୍ସ୍ୟ ପୋତାଶ୍ରୟ ଗଠନ, ପ ୁରୀ ଜିଲ୍ଲାରେ ପେଣ୍ଠକଟାଠାରେ ଏବଂ ଗଂଜାମ ଜିଲ୍ଲାର କେଶପୁରଠାରେ ମତ୍ସ୍ୟଧରା କେନ୍ଦ୍ରଗଠନ, ବ୍ରହ୍ମପୁରର ମତ୍ସ୍ୟଧରା କେନ୍ଦ୍ରର ଉନ୍ନୟନ ଏବଂ ଭଦ୍ରକ ଜିଲ୍ଲାର ଓ ଚଂଦିନିପାଲଠାରେ ନୂତନ ବତୀଘର ସ୍ଥାପନ । *ଆହୁରି ମଧ୍ୟ ଉପରୋକ୍ତ କର୍ତ୍ତୃପକ୍ଷ ତାଂକର ତା ୧୭.୯.୨୦୦୯ ରିଖର ସଭାରେ ଗୋପାଳପୁର ନିକଟରେ ହେବାକୁ ଥିବା ଏକ ସବୁଦିନିଆ ବଂଦର ପାଇଁ ପ୍ରକଳ୍ପ କେଂନ୍ଦ୍ର ସରକରାଂକ ନିକଟକୁ ପରିବେଶ ମଂଜୁରୀ ପାଇଁ ସୁପାରିଶ କରିଛନ୍ତି ।*

୧୫.୭ (ଖ) ଓଡିଶାର ଉପକୂଳର ଦୁଇଟି ନିର୍ଦ୍ଦିଷ୍ଟ ଉପକୂଳ ଅଂଚଳ (ଗୋପାଳପୁର ଠାରୁ ଚିଲିକା ଓ ପାରାଦ୍ୱିପ ଠାରୁ ଧାମରା) ରେ ସମନ୍ୱୀତ ଉପକୂଳ ପରିଚାଳନା ପାଇଁ ରାଜ୍ୟ ପ୍ରକଳ୍ପ ରିପୋର୍ଟ ( SPR) ଏବଂ ପୂର୍ଣ୍ଣାଂଗ ପ୍ରକଳ୍ପ ରିପୋର୍ଟ (DPR) ଚିଠା ନକଲ ରାଜ୍ୟ ସରକାରଂକ ଦ୍ୱାରା ଭାରତ ସରକାରଂକ ପରିବେଶ ଓ ଜଂଗଲ ମନ୍ତ୍ରଣାଳୟ କୁ ବିଶ୍ୱବ୍ୟାଂକ୍ ସହାୟତାରେ Rs. 227.63 କୋଟି ଟଂକାର ପ୍ରକଳ୍ପ *ଉପସ୍ଥାପନ* କରାଯାଇଛି ।

ଆଂଚଳିକ ଉପକୂଳ *ପାଠ୍ୟକ୍ରମ କେଂନ୍ଦ୍ରାପଡା ଜିଲ୍ଲାର ପେଣ୍ଠ ଗାଁ ଠାରେ ଉପକୂଳ ସୁରକ୍ଷା ପରିଚାଳନା, ଜୈବ ବିଭାଜନ ସଂରକ୍ଷଣ, ନଡିଆ* କତାର ଦ୍ରବ୍ୟ ନିର୍ମାଣ କେନ୍ଦ୍ର ପରିବେଶ ପର୍ଯ୍ୟାଲୋଚନା ପ୍ରୟୋଗଶାଳା ପ୍ରତିଷ୍ଠା , ପାରାଦ୍ୱିପଠାରେ କଠିନ ବର୍ଯ୍ୟ

ବସ୍ତୁ ଜମା କରିବା ସୁବିଧା ଏବଂ  ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ଆସ୍ତି ଗୁଡିକର ସଂରକ୍ଷଣ ଓ ପ୍ରଗତି ଏହି ପରିକଳ୍ପନାର କାର୍ଯ୍ୟାବଳୀ ଅର୍ନ୍ତଭୁକ୍ତ ଅଟେ ।

୧୫.୩. ୨୦୦୬ ମସିହାର  ପରିବେଶ ପ୍ରଭାବ ନିର୍ଦ୍ଧାରଣ ବିଜ୍ଞପ୍ତି ଅନୁସାରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ  'ଖ' ବର୍ଗର ପ୍ରକଳ୍ପ ଗୁଡିକୁ ତନଖି ଏବଂ *ପରିବେଶ ନିକାସ ମଞ୍ଜୁର ନିମନ୍ତେ ରାଜ୍ୟ ପରିବେଶ* ପ୍ରଭାବ ନିର୍ଦ୍ଧାରଣ ଅଥରିଟି (SEIAA) ରାଜ୍ୟ ପ୍ରବୀଣ ଆପ୍ରାଇଜାଲ କମିଟି (SEAC)  ଗଠନ କରିଛନ୍ତି । ଏହି ଅଥରିଟି ଓ କମିଟି ପାଇଁ ଏକ ସରକାରୀ ଗୃହ ଯୋଗାଇ ଦିଆଯାଇଛି । ଏହାର ଅଧକ୍ଷ ଓ ସଭ୍ୟମାନଙ୍କ ନିମିତ୍ତ sitting fees  ଯାନବାହାନ ଭତ୍ତାର  ବ୍ୟବସ୍ଥା କରାଯିବା ସହ ପକଳ୍ପ  ଆଣୁଥିବା ବ୍ୟବସାୟୀମାନଙ୍କଠାରୁ Scrutiny fees ଆଦାୟ କରିବା ବ୍ୟବସ୍ଥା ମଧ୍ୟ କରାଯାଇଛି  ।

୧୫.୪ ପରିବେଶ ସୁରକ୍ଷାକୁ ଉତ୍ସାହିତ କରିବା ପାଇଁ ସରକାର ୧୭୩ ଗୋଟି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ/ଗ୍ରାମ/ଜାତୀୟ ଅନୁଷ୍ଠାନକୁ ପ୍ରକୃତି ମିତ୍ର ଏବଂ ୧୫୭ ଗୋଟି ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର  ପ୍ରଦାନ କରିଅଛନ୍ତି । ଉକ୍ତ ସୁବିଧାକୁ *ମଣ୍ଡଳ (ବ୍ଳକ୍) ସ୍ତର ପର୍ଯ୍ୟନ୍ତ   ସଂପ୍ରସାରଣ କରାଯାଇଛି ।*

*୧୫.୫ ଉନ୍ନତ ପରିବେଶର ରକ୍ଷଣାବେକ୍ଷଣ ପାଇଁ ଓଡିଶା ଏନ୍‌ଭିରନ୍‌ମେଣ୍ଟ ମ୍ୟାନେଜ୍‌ମେଣ୍ଟ ଫଣ୍ଡ୍‌ରୁ ତାଳଚେରସ୍ଥ ରାଣୀ  ପାର୍କ ଉନ୍ନତିକରଣ ପାଇଁ ନଅ ଲକ୍ଷ ଟଙ୍କା ଏବଂ ଝାରସୁଗୁଡା  ଓ ସମ୍ବଲପୁର ଶିଳ୍ପାଂଚଳରେ ବୃକ୍ଷରୋପଣ ଉନ୍ନତିକରଣ ନିମିତ୍ତ ୭୬୫୭୮୦ ଟଙ୍କା  ସଂପୃକ୍ତ କର୍ମକର୍ତ୍ତାମାନଙ୍କୁ ପ୍ରଦାନ କରାଯାଇଛି ।*

୧୬. **ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ।**

ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ନିମିତ୍ତ ନିମ୍ନଲିଖିତ ଆଇନ୍ ଗୁଡିକର କାର୍ଯ୍ୟକାରିତା ଦାୟିତ୍ୱ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରେ ନ୍ୟସ୍ତ କରାଯାଇଛି ।

୧) ଜଳ ପ୍ରଦୂଷଣ (ନିୟନ୍ତ୍ରଣ ଓ ନିରାକରଣ) ବିଧି,୧୯୭୪
୨) ଈାୟୁ ପ୍ରଦୂଷଣ (ନିୟନ୍ତ୍ରଣ ଓ ନିରାକରଣ) ବିଧି, ୧୯୮୧
୩) ଜଳ ପ୍ରଦୂଷଣ ((ନିୟନ୍ତ୍ରଣ ଓ ନିରାକରଣ) ସେସ୍ ବିଧି,୧୯୭୭
୪) ପରିବେଶ ସୁରକ୍ଷା ବିଧି,୧୯୮୬

ଏତଦ୍ ବ୍ୟତିତ *ରିବେଶ ସୁରକ୍ଷା ବିଧି, ୧୯୮୬ ଅନ୍ତର୍ଗତ ନିମ୍ନୋକ୍ତ ଉପ*ବିଧି ଗୁଡିକର କାର୍ଯ୍ୟକାରିତା ଦାୟିତ୍ୱ ମଧ୍ୟ ବୋର୍ଡ ଠାରେ ନ୍ୟସ୍ତ ।

କ) ବିପଦ ସଂକୁଳ ବର୍ଜ୍ୟବସ୍ତୁ (ପରିଚାଳନା, ବ୍ୟବହାର ଓ ସୀମା ପାରି ରଚଳନ) ନିୟମ,୨୦୦୮
ଖ) ବିପଦ ସଂକୁଳ ରାସାୟନିକ ଦ୍ରବ୍ୟ (ପ୍ରସ୍ତୁତି, ମହଜୁଦ ଓ ଆମଦାନୀ) ନିୟମ,୧୯୮୯
ଗ) ଜୈବ୍ୟ ଡାକ୍ତରୀ ବର୍ଜ୍ୟବସ୍ତୁ  (ପରିଚାଳନା ଓ ବ୍ୟବହାର) ନିୟମ,୧୯୯୮
ଘ) ପୌରାଂଚଳ କଠିନ ଆବର୍ଜନା (ପରିଚାଳନା ଓ ଉପଯୋଗୀ) ନିୟମ,୨୦୦୦
ଙ)ପ୍ଲାଷ୍ଟିକର ପୁନଃ ପ୍ରକିୟାକରଣ (ପ୍ରସ୍ତୁତି ଓ ଉପଯୋଗ) ନିୟମ,୧୯୯୯
ଚ) ବ୍ୟାଟେରୀ (ପରିଚାଳନା ଓ ବ୍ୟବହାର) ନିୟମ,୨୦୦୧

ଉପରୋକ୍ତ ବିଧି ଓ ନିୟମର ପରିସର ମଧ୍ୟରେ ରାଜ୍ୟ*୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିମ୍ନଲିଖିତ କାର୍ଯ୍ୟ ୨୦୦୯-୧୦ ଆର୍ଥିକ ବର୍ଷରେ ସଂପାଦନ* କରୁଛି ।

*୧୬.୧ ପ୍ରଶାସନିକ ସମ୍ମତି ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା ଜନିତ ପ୍ରଦୂଷଣ ଉପଶମ* ଓ ନିୟନ୍ତ୍ରଣ ।

ରାଜ୍ୟରେ ଜଳ ଓ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ କଳ କାରଖାନା ଗୁଡିକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି  ଏବଂ ପରିବେଶରେ ମଧ୍ୟ ୍ରପଦୂଷଣର ମାତ୍ରା କମ୍ କରିବାରେ ସହାୟକ ହୋଇଅଛନ୍ତି । ସଂନିରୀକ୍ଷଣ କାର୍ଯ୍ୟକ୍ରମକୁ କଡାକଡି କରିବା, ବାରମ୍ବାର କାରଖାନା ଗୁଡିକୁ ତଦାରଖ କରାଯିବା ଓ ବିଭିନ୍ନ

ନିର୍ଦ୍ଦେଶାବଳୀ ଜାରୀ କରିବା ଯୋଗୁଁ ଏହି ଉଲ୍ଲେଖନୀୟ ସଫଳତା ବୋର୍ଡ ହାସଲ କରିଛି ।

୧) ବୋର୍ଡ ମୋଟ ୧୩୧୨ ଟି ଶିଳ୍ପ ସଂସ୍ଥା, ଖଣି, ଖଣିଜ ଶିଳ୍ପ, ପଥର କ୍ରସର କାରଖାନା ଇତ୍ୟାଦି ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଛି । ସେହିପରି ୮୯୮ ଟି ଶିଳ୍ପ ସଂସ୍ଥା ଖଣି, ଖଣିଜ ଶିଳ୍ପ ଓ ପଥର କ୍ରସର ପ୍ରଭୃତି କାରଖାନା ଗୁଡିକୁ ଚାଲୁ କରିବା ପାଇଁ ସମ୍ମତି ପତ୍ର ଦିଆଯାଇଛି ।

୨) ଭାରତ ସରକାରଙ୍କ ପରିବେଶୀୟ ମଂଜୁରୀ ପାଇବା ପୂର୍ବରୁ ବୃହତ ଶିଳ୍ପାନୁଷ୍ଠାନ, ବଡ ବଡ ଖଣି ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପରିଯୋଜନା ଗୁଡିକର ସର୍ବସାଧାରଣ ଶୁଣାଣି କରିବାର ଦାୟିତ୍ୱ ବୋର୍ଡ ହସ୍ତରେ ନ୍ୟସ୍ତ ଅଛି । ଏ ବର୍ଷରେ ଏହି ଭଳି ୨୮ ଟି ସର୍ବ ସାଧାରଣ ଶୁଣାଣି ବୋର୍ଡ ତରଫରୁ କରାଯାଇଥିଲା ।

୩) ବୋର୍ଡ ତରଫରୁ ୧୨୧ ଟି ଶିଳ୍ପାନୁଷ୍ଠାନକୁ "କାରଣ ଦର୍ଶାଅ " ନୋଟିସ ପ୍ରଦାନ କରାଯାଇଅଛି ଓ ୨୮ ଟି ଶିଳ୍ପସଂସ୍ଥାକୁ ପ୍ରଦୂଷଣ ଉଲ୍ଲଙ୍ଘନ ଦୃଷ୍ଟିରୁ ବଂଦ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଅଛି ।

୪) ଦୂଷିତ ଜଳ ଓ ନର୍ଦ୍ଦମା ଜଳର ୯୮୭ ଟି ନମୁନା, ଚିମିନି ନିର୍ଗତ ବାଷ୍ପର ୫୩୭ ଟି ନମୁନା ଏବଂ କାରଖାନା ପରିସରସ୍ଥ ପରିବେଷ୍ଟିତ ବାୟୁର ୮୦୪ ଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଗାରରେ ପରୀକ୍ଷା କରାଯାଇଛି ।

୫) ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ନିମିତ୍ତ ମିଳିଥିବା ଦରଖାସ୍ତ ଗୁଡିକୁ ବିଚାର କରିବା ପାଇଁ ବୋର୍ଡ କମିଟି ମାନ ଗଠନ କରିଛନ୍ତି ।

*୧୭.୨* <u>ବିପଦ ସଂକୁଳ ବର୍ଜ୍ୟବସ୍ତୁ ପରିଚାଳନା</u> :

୧)ବିପଦ ସଂକୁଳ ବର୍ଜ୍ୟବସ୍ତୁ (ପରିଚାଳନା ଓ ବ୍ୟବହାର ଓ ପରିବହନ) ନିୟମ , ୨୦୦୮ ।

ବିପଦ ସଂକୁଳ ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବା ୮୦ ଟି ସଂସ୍ଥାକୁ ସଂଗ୍ରହ କରିବା, ଗଚ୍ଛିତ କରିବା, ଶୋଧନ କରିବା ପାଇଁ ବୋର୍ଡ ପ୍ରାଧିକାର ଅର୍ପଣ କରିଅଛି । ସେହିପରି ଖିଲାପ କରୁଥିବା ୮ଟି ଶିଳ୍ପ ସଂସ୍ଥା କୁ ପରିବେଶ ସୁରକ୍ଷା ଆଇନ୍ ୧୯୮୬ (୫) ଧାରା ଅନୁଯାୟୀ ବର୍ଜ୍ୟବସ୍ତୁ ସୁପରିଚାଳନା ପାଇଁ ବୋର୍ଡ ତରଫରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।

୨) ବିପଦ ସଂକୁଳ ରାସାୟନିକ ଦ୍ରବ୍ୟ (ପ୍ରସ୍ତୁତି ମହଜୁଦ ଓ ଆମଦାନୀ)

ନିୟମ , ୧୯୮୯:

ବୋର୍ଡ ୨ ଟି ସଂସ୍ଥାକୁ ବିପଦ ସଂକୁଳ ରାସାୟନିକ ଦ୍ରବ୍ୟ ପରିବହନ ନିମିତ୍ତ ଅନୁମତି ପ୍ରଦାନ କରିଛି ।

୧୬.୩. ବ୍ୟାଟେରୀ (ପରିଚାଳନା ଓ ବ୍ୟବହାର) ନିୟମ , ୨୦୦୧

ବ୍ୟାଟେରୀ ଆଇନ୍ ର କାର୍ଯ୍ୟକାରିତା ସକାଶେ ବୋର୍ଡ ରାଜ୍ୟର ସବୁ ବ୍ୟାଟେରୀ ତିଆରି କରଥିବା ସଂସ୍ଥା ଗୁଡିକୁ ବିକ୍ରି ସମ୍ବଧୀୟ ଷାଣ୍ମାସିକ ବିବରଣୀ ବୋର୍ଡକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି । ଯେଉଁମାନେ ବ୍ୟାଟେରୀ ବ୍ୟବହାର କରୁଛନ୍ତି ,ଯଥା- ଶିଳ୍ପ ସଂସ୍ଥା, ବିଭିନ୍ନ ଖଣିଖାଦାନ , ରାଜ୍ୟ ପରିବହନ ବିଭାଗ, ପ ୂର୍ବତଟ ରେଳବାଇ, ଡାକ ଓ ଦୂର ସଂଚାର ବିଭାଗ, ଜଳସଂପଦ ବିଭାଗ, ପୂର୍ତ୍ତ ବିଭାଗ, ରାଜ୍ୟ ବିଦ୍ୟୁତ ପରିବର୍ତ୍ତନ କଂପାନୀ ପ୍ରଭୃତିଂକୁ ନିମ୍ନ ନିର୍ଦ୍ଦେଶାବଳୀ ପାଳନ କରିବା ପାଇଁ କୁହାଯାଇଛି ।

୧) ବ୍ୟବହୃତ ବ୍ୟାଟେରୀ ଗୁଡିକ ପୁନଃ ବ୍ୟବହାର ଉପଯୋଗୀ କରିବା ସକାଶେ ନିଲାମ କରିବେ । କେନ୍ଦ୍ର ସରକାରଂକ ଜଂଗଲ ଓ ପରିବେଶ ମନ୍ତ୍ରଣାଳୟରେ ରେଜିଷ୍ଟ୍ରଭୁକ୍ତ ହୋଇଥିବା ସଂସ୍ଥା ମାନେ କେବଳ ହିଁ ଏହି ନିଲାମରେ ଅଂଶ ଗ୍ରହଣ କରିପାରିବେ ।

୨) ବ୍ୟାଟେରୀ ଗୁଡିକର ବ୍ୟବହାର ଏବଂ ନିଲାମ ସଂକ୍ରାନ୍ତୀୟ ଷାଣ୍ମାସିକ ବିବରଣୀ ନିର୍ଦ୍ଧାରିତ ଫର୍ମରେ ବୋର୍ଡକୁ ପ୍ରଦାନ କରିବେ ।

୩) ବ୍ୟାଟେରୀ ନିଲାମ ସଂକ୍ରାନ୍ତୀୟ ନଥି ପତ୍ର ସଜାଡି ରଖିବେ ।

୪) ଉପରୋକ୍ତ ନିୟମ ଅନୁଯାୟୀ ବ୍ୟାଟେରୀ (ସୀସା-ଅମ୍ଳ) ର ସୁପରିଚାଳନା ପାଇଁ ୧୨ ଟି ସଂସ୍ଥା ବୋର୍ଡ ନିକଟରେ ପଂଜିକରଣ କରିଅଛନ୍ତି ।

୧୬.୪. ଜୈବ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା :

ଜୈବ ଡାକ୍ତରୀ ବର୍ଜ୍ୟବସ୍ତୁ (ପରିଚାଳନା ଓ ଉପଯୋଗୀ) ନିୟମ ୧୯୯୮ ଅନୁଯାୟୀ ବୋର୍ଡଦ୍ୱାରା ୨୪୩ ଟି ଚିକିତ୍ସାଳୟକୁ ନିର୍ଦ୍ଦିଷ୍ଟ କେତେକ ସର୍ତ୍ତ ସମ୍ବଳିତ ,ପ୍ରାଧିକାର ଅର୍ପଣ କରାଯାଇଛି। ସର୍ତ୍ତ ଖିଲାପ କରୁଥିବା ୫୮ ଟି ଚିକିତ୍ସାଳୟକୁ କାରଣ ଦର୍ଶାଅ ନୋଟିସ୍ ଓ ୧୧ ଟି ଚିକିତ୍ସାଳୟକୁ ବନ୍ଦ କରିବା ପାଇଁ ନୋଟିସ୍ ଜାରି କରାଯାଇଅଛି । ବୋର୍ଡର ନିର୍ଦ୍ଦେଶାନୁଯାୟୀ ଚିକିତ୍ସାଳୟ ମାନଙ୍କରେ ପ୍ରାଧିକରଣ ଗୁଡିକର ସମୟ ସୀମା ଆର୍ଥିକ ବର୍ଷର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଧିବଦ୍ଧ ବାବେ ବଳବତ୍ତର କରାଯାଇଛି ।

୧୬.୫. ପୌରାଂଚଳ କଠିନ ଆବର୍ଜନା ପରିଚାଳନା

ପୌରାଂଚଳ କଠିନ ଆବର୍ଜନା (ପରିଚାଳନା ଓ ଉପଯୋଗୀ) ନିୟମ ,୨୦୦୦ ଅନୁଯାୟୀ ବୋର୍ଡ ଦ୍ୱାରା ୧୪ ଟି ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦ ଗୁଡିକୁ ଓ ୧ ଟି ସହରାଂଚଳକୁ ନିର୍ଦ୍ଦିଷ୍ଟ କେତେକ ସର୍ତ୍ତ ସମ୍ବଳିତ ପ୍ରାଧିକାର ଅର୍ପଣ କରାଯାଇଛି । ନିୟମ ଖିଲାପକାରୀ ୫୪ ସଂସ୍ଥାକୁ କାରଣଦର୍ଶାଅ ନୋଟିସ୍ ଦିଆଯାଇଛି । ପୌରାଂଚଳରୁ କଠିନ ଆବର୍ଜନାର ସୁପରିଚାଳନା ପାଇଁ ଆବଶ୍ୟକୀୟ ଜମିର ଚିହ୍ନଟ କାର୍ଯ୍ୟ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ଚିହ୍ନଟ କାର୍ଯ୍ୟ ଓ ଜମିଯୋଗାଣ ସଂପୂର୍ଣ୍ଣ ହୋଇ ନଥିବା ଯୋଗୁଁ ପୌରାଂଚଳର କଠିନ

ଆବର୍ଜନାର ବିଶୋଧନ ଏବଂ ବ୍ୟୟନ କାର୍ଯ୍ୟ ସମ୍ଭବ ହୋଇ ପାରି ନାହିଁ । ଏହି କାର୍ଯ୍ୟକ୍ରମ କିଭଳି ଖୁବ୍ ଶୀଘ୍ର ହୋଇପାରିବ , ସେଥିପାଇଁ ବୋର୍ଡ ସମସ୍ତ ପୌର ପରିଷଦ ଏବଂ ଜିଲ୍ଲାପାଳଙ୍କ ସହିତ ନିରବଚ୍ଛିନ୍ନ ଯୋଗାଯୋଗ ଜାରି ରଖିଛି । ପୌରସଂସ୍ଥା ସହରବସତି ଗୁଡିକର ପରିଚାଳନା ପାଇଁ ସମ୍ମତି ନେବା ନିମିତ୍ତବୋର୍ଡ ନିରବଚ୍ଛନ୍ନ ସେମାନଙ୍କୁ ଅନୁରୋଧ କରି ଆସୁଅଛନ୍ତି ।୨ ଟି ସହର ବସତିକୁ ସମ୍ମତି ଦିଆଯାଇଛି ଓ ୭୨ ଟି ପୌାରସଂସ୍ଥା ସମ୍ମତି ପାଇବା ପାଇଁ ବୋର୍ଡକୁଆବେଦନ କରିନଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ପୌର ପରିଷଦ ଗୁଡିକର ପ୍ରାଧିକରଣ ଗୁଡିକର ସମୟ ଅବଧି ଆର୍ଥୀକ ବର୍ଷର ମାର୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ବଳବତ୍ତର କରାଯାଇଛି ।

**୧୭.୬. ପ୍ଲାଷ୍ଟିକର (ପୁନଃ ପ୍ରକ୍ରିୟାକରଣ, *ପ୍ରସ୍ତୁତି ଓ ଉପଯୋଗ* ) ନିୟମ, ୧୯୯୯ :**

ବୋର୍ଡ ୫୯ ଟି ପ୍ଲାଷ୍ଟିକ *କ୍ୟାରୀ ବ୍ୟାଗ୍ ପ୍ରସ୍ତୁତ କରୁଥିବା ଛୋଟ ଛୋଟ ଶିଳ୍ପାନୁଷ୍ଠାନ ଗୁଡିକୁ ଚିହ୍ନଟ ବ୍ୟତୀତ ଆହୁରି ୩ଟି ଶିଳ୍ପାନୁଷ୍ଠାନକୁ ମଧ୍ୟ ଚିହ୍ନଟ କରିଛି । ସେଥିରୁ ୪୧ଟି ଶିଳ୍ପାନୁଷ୍ଠାନ ବର୍ତ୍ତମାନ କ୍ୟାରୀବ୍ୟାଗ ପ୍ରସ୍ତୁତ କରୁଛନ୍ତି ଓ ଅନ୍ୟ ଶିଳ୍ପାନୁଷ୍ଠାନ ଗୁଡିକ* ବନ୍ଦ ହୋଇ ଗଲାଣି କିମ୍ବା ଅନ୍ୟ କିଛି ଜିନିଷ ପ୍ରସ୍ତୁତ କରୁଛନ୍ତି । ୪ଟି କ୍ୟାରୀବ୍ୟାଗ ପ୍ରସ୍ତୁତ କରୁଥିବା ଶିଳ୍ପାନୁଷ୍ଠାନକୁ ନିର୍ଦ୍ଦିଷ୍ଟ କେତେକ ସର୍ତ୍ତ ଆରୋପ କରି ବୋର୍ଡ ରେଜିଷ୍ଟ୍ରିଭୁକ୍ତ କରିଛି । ବୋର୍ଡର ମତାମତ ଅନୁଯାୟୀ ଉକ୍ତ ଶିଳ୍ପାନୁଷ୍ଠାନ ଗୁଡିକର ରେଜିଷ୍ଟ୍ରିଭୁକ୍ତ ସମୟ ଅବଧି ଆର୍ଥିକ ବର୍ଷର ମାର୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଧିବଦ୍ଧଭାବେ ବଳବତ୍ତର କରାଯାଇଛି ।

**୧୭.୭. ଯୋଜନା ଓ ତଦାରଖ**

ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ନିମିତ୍ତ ଏକ ସାମୟିକ କାର୍ଯ୍ୟକ୍ରମ ମାଧ୍ୟମରେ ବୋର୍ଡ ୨୦୦୮ ମସିହାରେ ନିମ୍ନଲିଖିତ କାର୍ଯ୍ୟକଳାପ ଶେଷ କରିଅଛି ।

(କ) ବୋର୍ଡ ଯୋଡା ଓ ବଡବିଲ ଅଂଚଳ ପାଇଁ ଏକ ଆଂଚଳିକ ପରିବେଶ ପରିଚାଳନା ଯୋଜନା ହାତକୁ ନେଇଛି । ଖୁବ୍ ଶିଘ୍ର ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ସେହିପରି ଏକ କାର୍ଯ୍ୟକ୍ରମ ଅନୁଗୁଳ, ତାଳଚେର ଓ ମେରାମୁଂଡଳି ଅଂଚଳରେ ଶେଷ ହୋଇଯାଇଛି ।

(ଖ) ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ରୁଷିକୂଲ୍ୟା, ସୁବର୍ଣ୍ଣରେଖା ବୁଡାବଳଂଗ, କୋଲାବ, ବଂଶଧାରା ଓ ନାଗାବଳୀ ନଦ 1 ଗୁଡିକର ଜଳର ମାନ ନିର୍ଦ୍ଧାରଣ ପାଇଁ ୭୮ ଟି ଏବଂ ତାଳଦଣା କେନାଲ, ବିଂଦୁସାଗର, ନରେଂଦ୍ର, ମାର୍କଣ ପାର୍ବତୀ ସାଗର , ଇଂଦ୍ରଦ୍ୟୁମ୍ନ, ଶ୍ୱେତଗଂଗା (ପୋଖରୀ) । ଚିଲିକା, ଅଂଶୁପା (ହ୍ରଦ) ରୁଷିକୂଲ୍ୟ ଓ ସାତପଡା ନଦୀମୁହାଣ ଆଦି ୧୫ ଟି ବିଭିନ୍ନ ସ୍ଥାନରୁଜଳର ନମୁନା ସଂଗ୍ରହ କରାଯାଇ ୩୨ ଟି ବିଭିନ୍ନ ପାରାମିଟରରେ ପରୀକ୍ଷା କରାଯାଇଛି ।

(ଗ) କଟକ, ପୁରୀ ଓ ଭୁବନେଶ୍ୱର ଇତ୍ୟାଦି ୩ଟି ସହରର ୧୫ ଟି ସ୍ଥାନରେ ଏବଂ ପାରାଦ୍ୱୀପସ୍ଥ ସାର କାରଖାନା ଅଂଚଳ ଇତ୍ୟାଦି ଜଳସବୁରେ ଫ୍ଲୋରାଇଡର ପରିମାଣ ପରୀକ୍ଷା ମାଧ୍ୟମରେ ନିର୍ଦ୍ଧାରଣ କରାଯାଇଛି । ଏହା ୩୨ ଟି ପାରାମିଟରରେ ପରୀକ୍ଷା କରଯାଇଅଛି ।

(ଘ) ପରିବେଷ୍ଟିତ ବାୟୁମଂଡଳର ମାନାଂକ ନିରୂପଣ କରିବା ପାଇଁ ନଅଟି ପ୍ରଧାନ ସହର ଏବଂ ଶିଳ୍ପୋନ୍ନତ ଅଂଚଳ ଯଥା: ଅନୁଗୁଳ,ରାଉରକେଲା, ରାୟଗଡା, ଭୁବନେଶ୍ୱର,ବ୍ରହ୍ମପୁର,କଟକ,ସମ୍ବଲପୁର,କେଂଦୁଝର, ଓ ବାଲେଶ୍ୱରର ପ୍ରାୟ ୧୭ ଟି ସ୍ଥାନରେ ନମୁନା ସଂଗ୍ରହ କରାଯାଇ ବିଭିନ୍ନ ପାରାମିଟରରେ ପରୀକ୍ଷା କରାଯାଇଛି ।

(ଙ) ବିଭିନ୍ନ ପର୍ବ ପର୍ବାଣୀ ଯଥା- ଦିପାବଳୀରେ ପରିବେଷ୍ଟିତ ବାୟୁମଂଡଳର ମାନାଂକ ଏବଂ ଦଶହରାରେ ମୂର୍ତ୍ତୀ ବିସର୍ଜନ ଜନିତ ଜଳ ପ୍ରଦୂଷଣ ମାତ୍ରା ନିରୁପଣ କରାଯାଇଛି ।

(ଚ) ସେହିପରି ଦୀପାବଳୀ ସମୟରେ ଶବ୍ଦ ପ୍ରଦୂଷଣର ମାତ୍ରା ନଅଟି ପ୍ରଧାନ ସହର ଏବଂ ଶିଳ୍ପୋନ୍ନତ ଅଂଚଳ ଯଥା – ଅନୁଗୁଳ, ରାଉରକେଲା, ରାୟଗଡା, ଭୁବନେଶ୍ୱର, ବ୍ରହ୍ମପୁର, କଟକ,ସମ୍ବଲପୁର, କେଉଁଝର ଓ ବାଲେଶ୍ୱରରେ ନିରୂପଣ କରାଯାଇଛି ।

(ଛ) ଫ୍ଲାଏ ଆସ ( Fly Ash )ର ଶସ୍ୟ ଉତ୍ପାଦନ ଓ ମୃତ୍ତିକା ମାନ ଉପରେ ସୁଦୁର ପ୍ରଭାବକୁ ଅଧ୍ୟୟନ କରିବା ପାଇଁ ବୋର୍ଡ ଓଡିଶା କୃଷି ଓ ବୈଷୟିକ

ବିଶ୍ୱ ବିଦ୍ୟାଳୟକୁ ଦାୟିତ୍ୱ ଦେଇଛନ୍ତି ଏବଂ ସେମାନେ ଏହି କାର୍ଯ୍ୟ ଚାଲୁ ରଖିଛନ୍ତି ।

୧୭.୮. ଜନ ସଚେତନତା କାର୍ଯ୍ୟକ୍ରମ :

ପରିବେଶ ସୁରକ୍ଷାପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବେସରକାରୀ ସଂଗଠନ ମୌସୁମୀ ଚାରି ଟେବୁଲ ଟ୍ରଷ୍ଟ ସହ ମିଶି ଜୁନ୍ ୫ ତାରିଖରେ ବୋର୍ଡ ଯାନବାହାନ ଚଳାଚଳ ଯୋଗୁଁ ହେଉଥିବା ବାୟୁ ପ୍ରଦୂଷଣର ମାତ୍ରା ଓ ଶବ୍ଦ ପ୍ରଦୂଷଣ ର ମାତ୍ର ପରୀକ୍ଷା କରିଥିଲା ।

ବୋର୍ଡ ବିଭିନ୍ନ ପରିବେଶ ସମସ୍ୟା ଉପରେ ନିୟମିତ ଭାବରେ ବିଭିନ୍ନ ସମ୍ବାଦପତ୍ର ଏବଂ ପତ୍ର ପତ୍ରିକାରେ ବିଜ୍ଞାପନ ଦେଇଥାଏ । ବିଭିନ୍ନ ବର୍ଗର ଲେନାକମାନଂକୁ ପରିବେଶ ସୁରକ୍ଷା ଓ ରପ୍ରଦୂଷଣ ନିୟନ୍ତ୍ରଣ ବିଷୟରେ ସଚେତନ କରିବା ପାଇଁ ବୋର୍ଡ ଏକ ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛନ୍ତି ।

ଯାନବାହନ ଏବଂ ଶବ୍ଦ ପ୍ରଦୂଷଣ ମାତ୍ରା ନିର୍ଦ୍ଧାରଣ କରିବାପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ, ବିଭିନ୍ନ ଜିଲ୍ଲାରୁ ଆସୁଥିବା ୫୭ଜଣ ପୋଲିସ ହାବିଲଦାରଂକୁ ଦିଆଯାଇଛି । ବୋର୍ଡର ୧୧ ଜଣ ଅଧିକାରୀଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ, ପରିବେଶ ଓ ଦପ୍ତର ପରିଚାଳନା ଉପରେ ପ୍ରଶିକ୍ଷଣ ଦିଆଯାଇଛି ।

ଜାତୀୟ ପ୍ରଦୂଷଣ ନିବାରଣ ଦିବସକୁ ବୋର୍ଡ ୨ ଡିସେମ୍ବର,୨୦୦୯ରେ ପଆଳନ କରିଛନ୍ତି ।

୧୭.୯. ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାହାର ପ୍ରତିଷ୍ଠା ଦିବସର ସେପ୍ଟମ୍ବର ୧୫ ତାରିଖରେ ପାଳନ କରିଛି । ପୂର୍ବ ବର୍ଷଭଳି ଏବର୍ଷ ମଧ୍ୟ "ପଲ୍ୟୁସନ୍ କଣ୍ଟ୍ରୋଲ ଏକ୍ସେଲେନ୍ସ ଆୱାର୍ଡ" ଏବଂ "ପଲ୍ୟୁସନ୍ କଣ୍ଟ୍ରୋଲ ଆପ୍ରିସିଏସନ୍ ଆୱାର୍ଡ୍" ବିଭିନ୍ନ ଶିଳ୍ପାନୁଷ୍ଠାନ ଖଣି ଏବଂ ଚିକିତ୍ସାଳୟ ଗୁଡିକୁ ପ୍ରଦାନ କରାଯାଇଥିଲା । ଏହି

ଅବସରରେ ପ୍ରଫେସର ମହେନ୍ଦ୍ର କୁମାର ରାଉତ  ସ୍ମାରକୀ ବକ୍ତୃତାର ଆୟୋଜନ କରାଯାଇଥିଲା ।

**୧୭. ପରିବେଶ ଶିକ୍ଷା କେନ୍ଦ୍ର**

ସେଣ୍ଟର ଫର୍ *ଏନଭରନ୍‌ମେଣ୍ଟାଲ ଷ୍ଟଡିଜ୍*(CES) *ଜଂଗଲ ଓ ପରିବେଶ* ବିଭାଗ ଅଧିନରେ ଏକପଂଜୀକୃତ ଅନୁଷ୍ଠାନ । ଏହା ପରିବେଶ ପର୍ଯ୍ୟବେସିତ କାର୍ଯ୍ୟ ମୁଖ୍ୟତଃ ସଚେତନତା ବୃଦ୍ଧି ଓ ବୈଷୟିକ ସହାୟତା ଯୋଗାଇବାପାଇଁ ବିଭିନ୍ନ ପ୍ରକାରର ପ୍ରକଳ୍ପ ହାତକୁ ନେଇଥାଏ । ସି.ଇ.ଏସ୍. ଜାତୀୟ ପରିବେଶ ସଚେତନତା କାର୍ଯ୍ୟକ୍ରମ ପାଇଁ ଆଂଚଳିକ ସଂପଦ କ୍ଷେତ୍ର  ଭାବରେ କାର୍ଯ୍ୟଭାର ତୁଲାଉଅଛି ଏବଂ ଯାତୀୟ ସବୁଜ ବାହିନୀପାଇଁ ନୋଡାଲ ସଂସ୍ଥାଭାବେ କାର୍ଯ୍ୟ କରିଥାଏ । ପରିବେଶ ଓ ଜଂଗଲ ମନ୍ତ୍ରଣାଳୟ, ଭାରତ ସରକାରଂକ ଅଧିନରେ ଥିବା ଏନ୍‌ଭିସ୍ (ENVIS) କାର୍ଯ୍ୟକ୍ରମପାଇଁ ଏହି ସଂସ୍ଥା ଏନ୍‌ଭିସ୍ କେନ୍ଦ୍ର ଭାବରେ କାର୍ଯ୍ୟ କରିଆସୁଅଛି ।

୨୦୦୦-୨୦୦୧ ମସିହାରୁ ଗ୍ରହଣ କରାଯାଇଥିବା ଭାରତ ସରକାରଂକ ପରିବେଶ ଓ ଜଂଗଲ ମନ୍ତ୍ରଣାଳଂର ଏନ୍.ଇ.ଏ.ସି. (N.E.A.C.)ପ୍ର*କଳ୍ପ ମାଧ୍ୟମରେ ପ*ରିବେଶ ସଂରକ୍ଷଣ  ଦିଗରେ ବିଭିନ୍ନ ବେସରକାରୀ ଅନୁଷ୍ଠାନମାନଂକୁ ଏହି ସଂସ୍ଥା ସହାୟତା ଯୋଗାଇ ଦେଉଅଛି । ୨୦୦୧-୨୦୦୨ ଆର୍ଥିକ ବର୍ଷରେ ୪୯୩ ଟି, ୨୦୦୨-୨୦୦୩ ଆର୍ଥିକ ବର୍ଷରେ ୬୯୧ ଟି, ୨୦୦୩-୨୦୦୪ ଆର୍ଥିକ ବର୍ଷରେ ୫୭୭ ଟି, ୨୦୦୪-୨୦୦୫ ଆର୍ଥିକ ବର୍ଷରେ ୪୭୭ ଟି, ୨୦୦୫-୨୦୦୬ ଆର୍ଥିକ ବର୍ଷରେ ୫୨୬ ଟି ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଂକୁ ଏହା ପରିବେଶ ସଂପର୍କୀୟ ସଚେତନତା ପାଇଁ ଆର୍ଥିକ ସହାୟତା ଯୋଗାଇ ଅଛି ।  ୨୦୦୬-୨୦୦୭ ଆର୍ଥିକ ବର୍ଷ ଠାରୁ ୧୫ ଟି ଜିଲ୍ଲାରେ ସି.ଇ.ଏସ୍ ଆଂଚଳିକ ସଂପଦ  କ୍ଷେତ୍ର ଭାବରେ କାର୍ଯ୍ୟଭାର ତୁଲାଉଅଛି । ୨୦୦୬-୦୭ ଆର୍ଥିକ ବର୍ଷରେ ୩୧୪ ଟି ଏବଂ ୨୦୦୭-୦୮ ଆର୍ଥିକ ବର୍ଷରେ ୩୧୧ ଟି ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଂକୁ ଏହା ପରିବେଶ

ସଂପର୍କୀୟ ସଚେତନତା ପାଇଁ ଆର୍ଥିକ ସହାୟତା ଯୋଗାଇ ଅଛି । ୨୦୦୮-୦୯ ବର୍ଷପାଇଁ ୩୯୭ଟି ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ଏହି କାର୍ଯ୍ୟକ୍ରମପାଇଁ ଆଥିକ ସାହାଯ୍ୟ ଯୋଗାଉଛି । ୨୦୦୯-୧୦ ବର୍ଷ ପାଇଁ ୧୫ ଟି ଜିଲ୍ଲାରୁ ସମୁଦାୟ ୭୭ ଟି ଦରଖାସ୍ତ ମିଳିଥିଲା । ତନ୍ମଧ୍ୟରୁ ୫୯୧ ଟି ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଛି । ଏ ବାବଦରେ ଭାରତ ସରକାରଂକ ଠାରୁ ମିଳିଥିବା ଟ ୨୭.୦୮ ହଜାରରୁ ଟ ୨୧.୬୪ ହଜାର ଖର୍ଚ୍ଚ ହୋଇଛି । ପ୍ରତିବର୍ଷ କେଉଁଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ ସେସବୁ ବିଷୟବସ୍ତୁ ଉପରେ ପରିବେଶ ଓ ଜଂଗଲ ମନ୍ତ୍ରଣାଳୟ, ଭାରତ ସରକାର ସିଦ୍ଧାନ୍ତ ଗ୍ରହଣ କରିଥାନ୍ତି ଏବଂ ସେହି ସିଦ୍ଧାନ୍ତ ଅନୁସାରେ ସିଇଏସ୍. କାର୍ଯ୍ୟଭାର ସଫଳତାର ସହ୍ତୁଲାଇଥାଏ ।

ଜାତୀୟ ସବୁଜ ବାହିନୀ କାର୍ଯ୍ୟକ୍ରମ ଅଧିନରେ ଓଡିଶାର ୩୦ ଗୋଟି ଜିଲ୍ଲାରେ ସମୁଦାୟ ୫୯୦୦ ଗୋଟି ବିଦ୍ୟାଳୟରେ ଇକୋ କ୍ଲବ (Eco CLUB)ପ୍ର*ତିଷ୍ଠା କରାଯାଇଥିଲା ।* ଗତ ୨୦୦୫-୦୬ ଆର୍ଥିକ ବର୍ଷରୁ ପ୍ରତି ଜିଲ୍ଲାରେ ଇକୋ କ୍ଲବ୍ ସଂଖ୍ୟାକୁ ୧୫୦ ରୁ ବୃଦ୍ଧି କରାଯାଇ ୨୫୦ ଟି କରି ସମୁଦାୟ ୭୫୦୦ ଗୋଟି ବିଦ୍ୟାଳୟରେ ଇକୋ କ୍ଲବ (Eco CLUB) ପ୍ରତିଷ୍ଠା କରାଯାଇଛି । ଇକୋ କ୍ଲବ୍ର ପ୍ରତିନିଧିମାନଙ୍କୁ ପରିବେଶ ସମ୍ବଧୀୟ ଜ୍ଞାନର ପ୍ରଚାର ଓ ପ୍ରସାର ନିମନ୍ତେ ତଥା କାର୍ଯ୍ୟଶୈଳୀରେ ଅଧିକ ସୁବିଧା ଓ ସୁଯୋଗ ସୃଷ୍ଟି କରିବା ପାଇ ସି.ଇ.ଏସ୍. ଅତ୍ୟାବଶ୍ୟକ ସମ୍ବଳ ଯୋଗାଇ ଦେଇଥାଏ । ପରିବେଶ ସମ୍ବଧୀୟ କାର୍ଯ୍ୟକ୍ରମରେ ମୁଖ୍ୟତଃ ଉପକୂଳ *ପରିବେଶ ସଂରକ୍ଷଣ, କଚ୍ଛପ* ସଂରକ୍ଷଣ ସଂକ୍ରାନ୍ତୀୟ ଆଲୋଚନା ପର୍ଯ୍ୟାଲୋଚନା ତଥା ବିଭିନ୍ନ ପ୍ରକାରର ସେମିନାର ( Seminar ) କଥୋପକଥନ ବକ୍ତୃତାମାଳା, ଶିକ୍ଷାଶିବିର, ଉପଯୁକ୍ତ କ୍ଷେତ୍ର ପରିଦର୍ଶନ ଏବଂ ବୃକ୍ଷରୋପଣ ଆଦି ବିଭିନ୍ନ ଜନହିତକର ତଥା ପରିବେଶ କଲ୍ୟାଣ କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଯାଇଥାଏ ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ପରିବେଶ ସଂପର୍କୀୟ ବିଶେଷ ଜ୍ଞାନ ବିତରଣ ପାଇଁ *ସି.ଇ.ଏସ୍ ବିଭିନ୍ନ* ପ୍ରକାରର ପୁସ୍ତକ ପ୍ରକାଶନ କରିଥାଏ ଏବଂ ଏହା ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ଭାବରେ ଆଦୃତ ହେଉଛି । ପ୍ରତ୍ୟେକ ଇକୋକ୍ଲବ ସ୍କୁଲକୁ ବାର୍ଷିକ ୨୫୦୦ ଟଙ୍କା ଯୋଗାଇ ଦିଆଯାଇଛି, ଯାହାକୁ ନେଇ ସେମାନେ ବିଭିନ୍ନ ପରିବେଶଭିତ୍ତିକ ନିଜ ସ୍କୁଲ୍ ଭିତରେ ଓ ବାହାରେ କାର୍ଯ୍ୟକ୍ରମମାନ କରପାରିବେ ।

ଏନ୍‌ଭିସ୍ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ସି.ଇ.ଏସ୍. ଓଡିଶା ରାଜ୍ୟରପରିବେଶ ଚିଠାପ୍ରସ୍ତୁତି ଉପରେ ଏକ ଅଭିକଳକ (database ) ସୃଷ୍ଟି କରିଅଛି , ତାହାର ନାମ ହେଉଛି – Indian State Level Basic Environmental Information Database (ISBEID) । ଏଥିଲାଗି ସି.ଇ.ଏସ୍. ମଧ୍ୟ ଏକ ୱେବସାଇଟ୍ କରିଅଛି , ଯାହାର ନାମକରଣ ରଖାଯାଇଛି www.envisorissa.org । ବର୍ତ୍ତମାନ ସୁଦ୍ଧା ୧୨ ଟି Newsletter ପ୍ରକାଶିତ ହୋଇଅଛି । ଯଥା-decadal variation of weather in Orissa, Climate changes, Coal mining, Fly-ash, Iron ore mines, chromite Mining & related issues, Plastic Waste Management, Bauxite Mining &Alumina, Biodiversity, Chilika, Biodiversity Hotspot-Bhitarkanika and Chandaka Wildlife Sanctuary.

ରାଜ୍ୟରେ ପ୍ରକୃତି ଓ ପରିବେଶର ସଂରକ୍ଷଣ ପାଇଁ ସରକାରଙ୍କ ତରଫରୁ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ବିତରଣ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପରିବେଶ ଶିକ୍ଷଣ କେନ୍ଦ୍ର ଜରିଆରେ ପରିଚାଳନା କରାଯାଉଅଛି । ଓଡିଶାର ପ୍ରତିଟି ଉପଖଣ୍ଡରୁ ଯୋଗ୍ୟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ସମୟରେ ଏହି ପୁରସ୍କାର

ପ୍ରଦାନ କରାଯାଏ । ୫ ଜୁନ୍, ୨୦୦୮ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୧୭୩ ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ଜୟଦେବ ଭବନ ଠାରେ ପ୍ରଦାନ କରିଥିଲେ ।

**୧୮. ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସି.ଡି.ଏ.)**

ଚିଲିକା ଭାରତ ବର୍ଷ ପୂର୍ବ ତଟରେ ଅବସ୍ଥିତ ବୃହତ୍ତମ କ୍ଷାରୀ ଜଳଭାଗ । ଏହା ମଧ୍ୟରେ ଅନେକ ସାମୁଦ୍ରିକ ଜୀବ ବାସ କରନ୍ତି । ଏକ ରାମ୍‌ସାର୍ ସ୍ଥଳ ଭାବରେ ଏହା ବିଖ୍ୟାତ । ଚିଲିକାର ସଂରକ୍ଷଣ ଏବଂ ଉନ୍ନତି ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ନିମ୍ନମତେ ପଦକ୍ଷେପ ଗ୍ରହଣ କରିଛନ୍ତି ।

୧୮.୧. ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଚିଲିକା ପରିବେଶ ଉନ୍ନୟନ କାର୍ଯ୍ୟକ୍ରମ-

ଦ୍ୱାଦଶ ଅର୍ଥ କମିଶନରଙ୍କ ସୁପାରିଶ ଅନୁଯାୟୀ ଚିଲିକା ପରିବେଶର ଉନ୍ନତି ପାଇଁ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ସାଢେ ସାତ କୋଟି ଟଙ୍କା ମଞ୍ଜୁର କରାଯାଇଛି । ତଦନୁଯାୟୀ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକର ଯୋଜନା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହାତକୁ ନିଆଯାଇଛି ।

୧. ସ୍ଥାନୀୟ ଲୋକଙ୍କ ସହାୟତାରେ ଜଳ ବିଭାଜିକାର ଉନ୍ନତି କରଣ

୨. ଜନସଚେତନତା କାର୍ଯଯ୍ୟକ୍ରମ

୩. ଆର୍ଦ୍ରଭୂମି ଗବେଷଣା, ପ୍ରଶିକ୍ଷଣ ଓ ତାହାର ଆକଳନ

୪. ସାମାଜିକ ଓ ଅର୍ଥନୈତିକ ବିକାଶ

୫. ଜୈବ ବିବିଧତାର ସଂରକ୍ଷଣ ଓ ପ୍ରାକୃତିକ ସଂପଦର ସୁପରିଚାଳନା

୬. ଗମନାଗମନର ସୁବିଧା

୭. ଚିଲିକା ହ୍ରଦର ଜଳପ୍ରବାହ ଓ ଲବଣାଂଶର ପରିଚାଳନା ସହିତ ଖନନ ନାଳୀର ଉନ୍ନତି କରଣ

୮. ମତ୍ସ୍ୟ ସଂପଦର ବିକାଶ

*** ଅନ୍ୟାନ୍ୟ କାର୍ଯ୍ୟକ୍ରମ**

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କତରଫରୁ ଚନ୍ଦ୍ରାପୁଟସ୍ଥିତ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ରରେ ବିଭିନ୍ନ ପ୍ରକାର ସଭାସମିତି କରାଯାଉଛି । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ମତ୍ସ୍ୟଜିବୀ ଏବଂ ବିଭିନ୍ନ ବିଭାଗର ସଂଶ୍ଳିଷ୍ଟ ଅଫିସରମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଚଳିତ ବର୍ଷ ୧୦୩ ଟି ବିଦ୍ୟାଳୟରେ ପରିବେଶ ଶିକ୍ଷା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯେଉଁଥିରେ କି ବିଦ୍ୟାଳୟ ପିଲାମାନଙ୍କୁ ପରିବେଶ ସମ୍ବଧରେ ଶିକ୍ଷା ଦିଆଯାଉଛି । ଏତଦ୍ ବ୍ୟତୀତ ସ୍ଥାନୀୟ ମତ୍ସ୍ୟଜିବୀମାନଙ୍କ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମହାତକୁ ନିଆଯାଇଛି । ୧୨ ଟି ସ୍କୁଲରେ ପିଲାମାନଙ୍କୁ ପରିବେଶ ସମ୍ବଧୀୟ ବିଶେଷ ଶିକ୍ଷା ପ୍ରଦାନ ପାଇଁ ସଚେତନତା ଏବଂ ପରିବେଶ ଶିକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । National Innovation Foundation – Ahamedabad ସହଯୋଗରେ ଚିଲିକା ଠାରେ ଇଂଜିନ ଚାଳିତ ଡଂଗାରୁ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସମାଧାନର ସୂତ୍ର ଖୋଜି ବାହାର କରିବା ନିମନ୍ତେ ଡଂଗା ଚାଳକ ମାନଙ୍କର ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ମତ୍ସ୍ୟ ମହାବିଦ୍ୟାଳୟ ବ୍ରହ୍ମପୁର ଜରିଆରେ ମତ୍ସ୍ୟଜିବୀ ମାନଙ୍କର ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଅକ୍ଟୋବର ୨୦୦୯ ରେଭୁବନେଶ୍ୱରରେ ଚିଲିକାର ସୁପରିଚାଳନା ନିମନ୍ତେ ଏକ ଜାତୀୟ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ଆର୍ଦ୍ରଭୁମି ସଂରକ୍ଷଣ ଏବଂ ଉନ୍ନିତି ନିମନ୍ତେ ବିଶାରଦ ଓ ବୈଜ୍ଞାନିକ ମାନେ ଅଂଶ ଗ୍ରହଣ କରିଥିଲେ ।

ପରିବେଶ ଶିକ୍ଷା କେନ୍ଦ୍ର ଅହମଦାବାଦ ର ମିଳିତ ସହଯୋଗରେ ସାତପଡା ଠାରେ ଏକ ପରିଦର୍ଶକ କେନ୍ଦ୍ର ଗଢି ଉଠିଛି । ଏହି କେଂନ୍ଦ୍ରଟି ପର୍ଯ୍ୟଟକମାନଙ୍କୁ ଚିଲିକା ହ୍ରଦ ଉପରେ ସମ୍ୟକ ଧାରଣା ଦେବା ପାଇଁ ବର୍ଷ ତମାମ ଉନ୍ମୁକ୍ତ ରହିଛି ।

ସାତପଡା ଠାରେ ୧.୭୨ ଏକର ଜାଗାରେ ଦର୍ଶକ / ପର୍ଯ୍ୟଟକମାନଙ୍କ ପାଇଁ ଏକ ପରିବେଶଉଦ୍ୟାନ (Eco Park ) ଗଢି ଉଠିଛି ।

<u>* ଆର୍ଦ୍ର ଭୂମି ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର</u>

ଚନ୍ଦ୍ରାପୁଟସ୍ଥିତ ଆର୍ଦ୍ରଭୂମି ଗବଷଣା ଓ ପ୍ରଶିକ୍ଷଣ କେନ୍ଦ୍ରରେ ହ୍ରଦ ସମ୍ବନ୍ଧୀୟ ସାମୁଦ୍ରିକ ଜୀବ ବିଜ୍ଞାନ , ଜଳଜ ଉଦ୍ଭିଦ ସମ୍ବଧରେ ଗବେଷଣା ପାଇଁ ସମସ୍ତ ପ୍ରକାର ସୁବିଧା ଅଛି । ଚିଲିକା ହ୍ରଦର ୪ଟି ସେକ୍ଟରରୁ ୩୦ ଟି ସ୍ଥାନରୁ ପାଣି, ପଟୁ ଓ ଉଦ୍ଭିଦ ପ୍ରଭୃତିର ନମୁନା ସଂଗ୍ରହ କରାଯାଇ ପ୍ରତିମାସରେ ଗବେଷଣା କେନ୍ଦ୍ରରେ ପରୀକ୍ଷା କରାଯାଉଛି । ବାୟୁ ପ୍ରବାହର ଗତି, ଦିଗ, ତାପମାତ୍ରା, ବର୍ଷାଜଳ ଓ ସୂର୍ଯ୍ୟକିରଣ ପ୍ରଭୃତି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରରୁ ସଂଗ୍ରହ କରାଯାଉଅଛି । ଚିଲିକା ମତ୍ସ୍ୟ ସଂପଦ ଉତ୍ପାଦନ ତଥ୍ୟ ୧୮ଟି ମତ୍ସ୍ୟ ସଂଗ୍ରହ କେନ୍ଦ୍ରରୁ କରାଯାଉଛି । ଏହି ତଥ୍ୟ ଚିଲିକା ମତ୍ସ୍ୟ ସଂପଦର ସୁପରିଚାଳନା ପାଇଁ ବ୍ୟବହାର କରାଯାଉଅଛି ।

୧୮.୨ <u>ସହଭାଗିତା ଦ୍ୱାରା ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ</u>

ସ୍ଥାନୀୟ ଲୋକଙ୍କ ସହାୟତାରେ ଜଳ ବିଭାଜିକାର ଉପଚାର ନିମନ୍ତେ ୬ଟି ଜଳଛାୟା (୪ଟି ଖୋର୍ଦ୍ଧା ଜିଲ୍ଲାରେ ଓ ୨ ଟି ଗଂଜାମ ଜିଲ୍ଲାରେ ) ପ୍ରକଳ୍ପ ହାତକୁ ନିଆଯାଇଛି । ଏହାଦ୍ୱାରା ୨୦୦୭-୦୮ ବର୍ଷରେ ଜଳବିଭାଜିକା ଅଂଚଳରେ ୩୬.୭ ହେକ୍ଟର ବୃକ୍ଷରୋପଣ ଏବଂ ୩୨୫ ହେକ୍ଟର ଉଜୁଡାଜଂଗଲର ପୁନଃରୁଦ୍ଧାର କରାଯାଇ ଏଗୁଡିକର ରକ୍ଷଣାବେକ୍ଷଣ କରାଯାଉଛି ।

( ଗ) ଚିଲିକା ହ୍ରଦ ହେଉଛି ବିରଳ ଇରାୱାଡିଡଲଫିନର ପ୍ରାକୃତିକ ବାସସ୍ଥଳୀ ସାରା ବିଶ୍ୱରେ ଏହି ପ୍ରଜାତିର ଡଲଫିନଙ୍କ ସଂଖ୍ୟା ପ୍ରାୟ ୯୦୦ରେ ସୀମିତ । ଭାରତରେଏହି ଡଲଫିନ୍ର ମୁଖ୍ୟ ବାସସ୍ଥଳୀ ଚିଲିକା ହ୍ରଦ ଅଟେ । ୨୦୦୯ ମସିହା ଫେବୃୟାରୀ ୧୮ତାରିଖଦିନ ହୋଇଥିବା ଗଣନା ଅନୁଯାୟୀ ଚିଲିକାରେ ୧୪୬ ଟି ଡଲଫିନ୍ ଅଛନ୍ତି । ଜାପାନରେ ଟୋକିଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ

ସହାୟତାରେ ଚିଲିକାରେ Hydrophone ମାଧ୍ୟମରେ ଋଡଲଫିନ୍ ମାନଙ୍କର ଗତିବିଧି ତଥା ବ୍ୟବହାରର ଅନୁଧ୍ୟାନ କରାଯାଉଛି । ବିରଳ ପ୍ରଜାତି Striped Dolphin , Finless Porpoise ଏବଂ ଇରାୱାଡି ଡଲଫିନ୍ ମାନଙ୍କରଗୋଟିଏ ଲେଖାଏଂ କଂକାଳ ବୈଜ୍ଞାନିକ ଅନୁସନ୍ଧାନ ଓଗବେଷଣା ପାଇଁ ରଖାଯାଇଅଛି ।

(b) ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହାୟତାରେ ନଳ ବଣର ପୁନରୁଦ୍ଧାର କାର୍ଯ୍ୟକ୍ରମଚାଲୁ ରହିଛି । ସେଥି ମଧ୍ୟରେ ପକ୍ଷୀମାନଙ୍କ ସୁବିଧା ନିମନ୍ତେ (୧) ମାଟି ବନ୍ଧ ନିର୍ମାଣ (୨) ପକ୍ଷୀମାନଙ୍କବସିବା ପାଇଁ ପାଣି ମଧ୍ୟରେ ଡାଳ ପୋତିବା (୩) ନଦୀ ନାଳ ଓ ଚିଲିକାର ସଂଯୋଗ ସ୍ଥଳକୁ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଉଦ୍ଧାର ଶିବିର ନିର୍ମାଣ କରିବା (୬) ଅନାବନା ଘାସକୁ ନିର୍ମୁଳ କରିବା ଇତ୍ୟାଦି ।

(c) ଚିଲିକାରେ ୩ ପ୍ରକାରର ଦଳ ଦେଖାଯାଉଛି । ସେଗୁଡିକ ହେଲା Emergent, floating ଏବଂ submerged ଚିଲିକା ହ୍ରଦରେ ଜଳଜ ଦଳର ବୃଦ୍ଧି ଯୋଗୁଁ ଙଗା ଓ ମାଛ ମାନଙ୍କର ଯାତାୟତ ବାଧାପ୍ରାପ୍ତ ଘଟୁଛି । ତା ସହିତ ମଧ୍ୟ ମାଛ ମାନଙ୍କର ଅଣ୍ଡା ଦେବା ସ୍ଥାନ ଏବଂ ମତ୍ସ୍ୟ ସଂପଦ ହ୍ରାସ ହେବାରେ ଲାଗିଛି । ଉପଗ୍ରହ ଚିତ୍ରରୁ ଯାହା ଜଣାପଡୁଛି ଯେ ହ୍ରଦରେ ପ୍ରତିଦିନ ଜଳ ବୃଦ୍ଧି ହେବାରେ ଲାଗିଛି । ନଳ ଯାତିର ଦଳ (ଘାସ) ବିଶେଷ ବୃଦ୍ଧି ଘଟୁଥିବାର ଲକ୍ଷ୍ୟ କରାଯାଉଛି । ଏହା ଫଳରେ ବିଦେଶାଗତ ପକ୍ଷୀମାନଙ୍କର ଖାଦ୍ୟସ୍ଥାନ କମିବାରେ ଲାଗୁଛି । ଦଳ ବୃଦ୍ଧି ଯୋଗୁଁ ଚିଲିକାର ଋଉତ୍ତରାଂଚଳରେ ପଟୁମାଟି ଯିବାରେ ବାଧାପ୍ରାପ୍ତ ହେଉଛି ।

ନଳ ଘାସର ଦମନ ପାଇଢ଼ଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ OUAT ର ଘାସ ନିୟନ୍ତ୍ରଣ ବିଭାଗ ଏବଂଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ପର୍ଯ୍ୟାୟ କ୍ରମେ ନଆଲୋଚନା କଲାପରେ ପରୀକ୍ଷାମୂଳକ ଭାବରେ ରାସୟନିକ ଔଷଧ Glyphosate ନଳ ଘାସରେ ଛନ୍‌ଚନ କରି ଏହାର ବୃଦ୍ଧିକୁ ରୋକିବା ପାଇଁ

ଚେଷ୍ଟା କରାଯାଇଛି । Glyphosate ନଳ ଘାସରେ ପ୍ରୟୋଗ କରିବା ଦ୍ୱାରା ୭ ରୁ ୧୦ ଦିନ ଭିତରେ ସବୁଜ ପତ୍ର ଗୁଡିକ ଶୁଖିବାରେ ଲାଗୁଛି ଓ ଗଛ ଗୁଡିକ ମରି ଯାଉଛି । ଏହି ଔଷଧ ଛିନ୍‌ଚନ ଦ୍ୱାରା ନଳ ଘାସ ବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରୁଛି ।

* ଗମନାଗମନର ଉନ୍ନତି

ସାତପଡା ଏବଂ ଜହ୍ନିକୁଦା ମଧ୍ୟରେ ଭାସମାନ ତରୀସେବାଦ୍ୱାରା ପୁରୀ ଜିଲ୍ଲାର କୃଷ୍ନ ପ୍ରସାଦ ବ୍ଲକର ୭୦ ହଜାରରୁ ଅଧିକ ଲୋକ ଉପକୃତ ହେବା ସଂଗେ ସଂଗେ ବ୍ରହ୍ମପୁର ଓ ପୁରୀ ମଦ୍ୟରେ ଦୂରତା ହ୍ରାସ ପାଇଛି ।

* ଚିଲିକା ଏକ ଅଗଭୀର ହ୍ରଦ ହୋଇଥିବାରୁ ଏହାର ଜଳର ଗଭୀରତା ୦.୩୮ ରୁ ୬.୭୦ ମିଟର ମଧ୍ୟରେ ରହିଥାଏ । ମହାନଦୀ ଅବବାହିକାରୁ ଶାଖାନଳୀ ମାଧ୍ୟମରେ ବହୁଳ ପରିମାଣରେ ପଟୁ ହ୍ରଦ ମଧ୍ୟକୁ ଆସିଥାଏ । ପ୍ରତିବର୍ଷ ଆପାତତଃ ୧ ମିଲିଅନ ଟନ୍ ପଟୁ ହ୍ରଦ ମଧ୍ୟରେ ଜମା ହେଉଥିବାରୁ ବର୍ଷକୁ ବର୍ଷ ଏହାର ଗଭୀରତା ହ୍ରାସ ପାଇଥାଏ । ପଂକ ଉଦ୍ଧାର କାର୍ଯ୍ୟ ପାଇଁ Crawl Cat dredger ମାଧ୍ୟମରେ ନାଳୀ ଖନନ ନହେବା ଦ୍ୱାରା ହ୍ରଦ ମଧ୍ୟରେ ପଟୁର ଭାର କମାଇବା, ଲବଣାଂଶର ପରିଚାଳନା ଓ ନାଳୀ ଗୁଡିକର ରକ୍ଷଣା ବେକ୍ଷଣ ହେବା ସହିତ ଡଂଗାଗୁଡିକର ଯାତାୟତରେ ସୁବିଧା ହୋଇଥାଏ । ଏହି ଖନନ ନାଳୀ ଦ୍ୱାରା ଜଳପଥରେ ଡଲ୍ଫିନ୍, ମାଛ, ଚିଂଗୁଡି ଓ କଂକଡାମାନଂକର ଚଳପ୍ରଚଳରେ ସୁବିଧା ହୋଇଥାଏ । ଚିଲିକା ହ୍ରଦ ମଧ୍ୟରେ ମଗରମୁଖ, ମୁଖ୍ୟନାଳୀ ଏବଂ ବାଲୁଗାଁ ନାଳୀଠାରେ ନାଳୀ ଖନନ କାର୍ଯ୍ୟ ଚାଲୁ ରହିଛି । ହ୍ରଦର ଦକ୍ଷିଣ ପାର୍ଶ୍ୱ ସହିତ ଋଷିକୁଲ୍ୟା ନଦୀ ମୁହାଣକୁ ସଂଯୋଗ କରୁଥିବା ପାଲୁର କେନାଲର ଖନନ

କାର୍ଯ୍ୟ କରାଯାଇଛି । ଚିଲିକାରୁ ଏହି ପଙ୍କ ଉଦ୍ଧାର ଏବଂ ଖନନ କାର୍ଯ୍ୟ IIT, Madras ସାମୁଦ୍ରିକ ବିଭାଗର ବିଶେଷଜ୍ଞ ମାନଂକ ତଦାରଖରେ କରାଯାଉଅଛି ।

* ମତ୍ସ୍ୟ ସଂପଦର ବିକାଶ ।

ଚିଲିକା ହ୍ରଦର ନୂତନ ମୁହାଣ ଖନନ ପରେ ହ୍ରଦ ଜଳର ଲବଣାଂଶ ଓ ସମୁଦ୍ରରୁ ଜାଆଁଳ ପ୍ରବେଶ ଦ୍ୱାରା ଚିଲିକାର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଛି । ଚିଲିକା ହ୍ରଦର ମାଛ, ଚିଂଗୁଡି ଓ କଂକଡା ୨୦୦୮-୨୦୦୯ ମସିହାରେ ୧୦,୭୧୧.୦୩ ମେଟ୍ରିକ ଟନ୍ ଉତ୍ପାଦିତ ହୋଇଛି , ଯାହାକି ୨୦୦୭-୦୮ ମସିହାରେ ୧୦୦୫୧.୩୬ ମେଟ୍ରିକ ଟନ ଥିଲା । ୨୦୦୮-୦୯ ମାଛ ଉତ୍ପାଦନ ତୁଳନାରେ କଂକଡା ଉତ୍ପାଦନ ଚିଲିକାରେ ଅଧିକ, ଯାହାକି ୨୩୭.୫୦ ମେଟ୍ରିକ ଟନ୍ ଥିଲା । ମାଛଧରା ନିୟନ୍ତ୍ରଣ କରିବା, ବେଆଇନ୍ ଓ ଅନଧିକୃତ ଭାବରେ ଚିଂଗୁଡି ଘେରି ଉଚ୍ଛେଦ ନିମନ୍ତେ ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାପାଳଂକ ଅଧିନରେ ଟାସ୍କଫୋର୍ସ ଗଠନ କରାଯାଇଛି ଏବଂ ଏହି କାର୍ଯ୍ୟ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଅନୁଦାନ ସହ ଯନ୍ତ୍ରଚାଳିତ ଡଂଗା, Barage ଏବଂ Excavator ଜିଲ୍ଲାମାନଂକୁ ଯୋଗାଇ ଦେଉଛନ୍ତି ।

* ଚିଲିକା ହ୍ରଦ ମତ୍ସ୍ୟ ସଂପଦର ସର୍ବାଂଗୀନ ଉନ୍ନତି ଓ ବିକାଶ ନିମନ୍ତେ ଖସଡା ପ୍ରସ୍ତୁତ କରିବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ଜାପାନ ଆନ୍ତର୍ଜାତୀକ ସହଯୋଗ ସଂସ୍ଥା (JICA ) ଚିଲିକା ହ୍ରଦର ପ୍ରାକୃତିକ ସଂପଦର ସଂରକ୍ଷଣ ଓ ଉପଯୁକ୍ତ ବିନିଯୋଗ ନିମନ୍ତେ ଏକ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି । ଏହା ମାଧ୍ୟମରେ ଚିଲିକାର ମତ୍ସ୍ୟ ସଂପଦ ବିକାଶ ପାଇଁ ଏକ ଦଲିଲ ( Fishery Resource Management Plan ) ପ୍ରସ୍ତୁତ କରାଯାଇଛି ।

* ଭାରତ ସରକାରଂକର ପରିବେଶ ଓ ଜଂଗଲ ମନ୍ତ୍ରଣାଳୟ ଆର୍ଥିକ ସହାୟତାରେ ଚିଲିକା ହ୍ରଦର ସମନ୍ବିତ ପରିଚାଳନା କାର୍ଯ୍ୟକ୍ରମ ।

ଚିଲିକା ହ୍ରଦର ପ୍ରାକୃତିକ ସଂପଦର ସଂରକ୍ଷଣ ନିମନ୍ତେ ୨୦୦୯-୧୦ ବର୍ଷପାଇଁ ୯୯.୭୫ ଲକ୍ଷ ଟଂକାର କାର୍ଯ୍ୟ ଖସଡା ଭାରତ ସରକାରଂକର ଜଂଗଲ ଓ ପରିବେଶ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି । ତାହା ନିମ୍ନରେ ପ୍ରଦତ୍ତ କରାଗଲା । ଏଥି ମଧ୍ୟରୁ ନଭେମ୍ବର ୨୦୦୯ରେ ୭୦.୪୪ ଲକ୍ଷ ଟଂକା ବିଭିନ୍ନକାର୍ଯ୍ୟପାଇଁ ହସ୍ତଗତ ହୋଇଅଛି ।

୧୮.୩ ଗୋଷ୍ଠି ଉନ୍ନୟନ:

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚିଲିକା ଉପକୂଳରେ ମତ୍ସ୍ୟଜିବୀ ଗ୍ରାମମାନଂକରେ ବିଭିନ୍ନ ପ୍ରକାର ଉନ୍ନତିମୂଳକକାର୍ଯ୍ୟ କରାଯାଉଅଛି । ଅଂକୁଲା ପଦର, ପରଳା, ରାୟପୁର, ସାତପଡା ଏବଂ ହରିଚଂଦନପୁର ଗ୍ରାମର ଗ୍ରାମ୍ୟ ପୋଖରୀ ଗୁଡିକର ପୁନରୁଦ୍ଧାର କାର୍ଯ୍ୟ କରାଯାଇଅଛି । ଚିଲିକା ଉପକୂଳସ୍ଥ ଦ୍ବୀପାଂଚଳ ଗ୍ରାମମାନଂକରେ ରାସ୍ତାରେ ସୌରଚାଳିତ ଆଲୋକବତୀ ବ୍ୟବସ୍ଥା କରାଯାଇଅଛି । ପାନୀୟ ଜଳର ସୁବିଧା ପାଇଁ ନଇରୀ , ପଥରକଟା, ବଉଳାବଂଧ, ନିମୁନା ଏବଂ ଡାଂଗୁଆ ଗ୍ରାମମାନଂକରେ ନଳକୂପ ଖନନ କରାଯାଇଅଛି । ଗବକୁଂଡ ଠାରେ ଏକ ନୂତନ ଡଂଗାଘାଟ ନିର୍ମାଣ କରାଯାଇଛି ।

୧୮.୪ ଜୈବ ବିବିଧତା ସଂରକ୍ଷଣ ଓ ଜନ ସଚେତନତା କାର୍ଯ୍ୟକ୍ରମ

ଭାରତ ଉପମହାଦେଶରେ ସବୁଠାରୁ ବେଶି ପକ୍ଷୀ ସମାଗମ ଚିଲିକା ହ୍ରଦରେ ହୋଇଥାଏ । ଚିଲିକା ମଧ୍ୟରେ ଥିବା ନଳବଣ ଦ୍ବୀପ ବିଦେଶାଗତ ପକ୍ଷୀମାନଂକ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ । ଚିଲିକାରେ ୨୬ ଟି ଜାତି ଓ ୨୨୫ ପ୍ରଯାତି ର ପକ୍ଷୀ ଦେଖାଯାଆନ୍ତି ।ଏହା ମଧ୍ୟରେ ୭୨ ପ୍ରକାର ବତକ (duck) ପ୍ରଜାତି, ୫୨ ପ୍ରକାର Plover , ୧୪ ପ୍ରକାର Gulls & Teal, ୧୩ ପ୍ରକାର ଇଗଲ ଏବଂ ୧୧ ପ୍ରକାର

Heron ଏବଂ Egrets ଜାତିର ଅଟନ୍ତି । କର୍ତ୍ତୃପକ୍ଷ ମୁମ୍ବାଇସ୍ଥିତ BNHS ର ସହାୟତାରେ "Bird Atlas of Chilika ' ନାମରେ ଏକ ପୁସ୍ତକ ପ୍ରକାଶ କରିଛନ୍ତି ।

୧୮.୫. ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟଙ୍କ ଆର୍ଥିକ ସହାୟତାରେ ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ୍‌ରେ କ୍ଷୁଦ୍ର ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପ ।

ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟଙ୍କ ଆର୍ଥିକ ସହାୟତାରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ୍‌ରେ ୧୦ ଟି କ୍ଷୁଦ୍ର ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ସହଭାଗିତାମୂଳକ ଭାବରେ ୨୦୦୪-୦୫ ରୁ କାର୍ଯ୍ୟକାରୀ କରାଯାଉଅଛି । ୨୦୦୯-୧୦ ଆର୍ଥିକ ବର୍ଷରେ ତୃତୀୟ କିସ୍ତି ବାବଦକୁ ୧୦ ଟି ଜଳଛାୟା ପ୍ରକଳ୍ପ ପାଇଁ ୭୯.୦୦ ଲକ୍ଷ ଟଙ୍କା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ମିଳିବାର ଆଶାଅଛି ।

## ୧୯. ଆଞ୍ଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର

ଉଦ୍ଭିଦ ସଂପଦର ଜୈବ ବିବିଧତା ସଂରକ୍ଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତତ୍କାଳୀନ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗର ଆର୍ଥିକ ସହାୟତାରେ ୧୯୮୫ ମସିହାରେ ଏକ ସ୍ୱୟଂଶାସିତ ଗବେଷଣା ଓ ଉନ୍ନୟନ ଅନୁଷ୍ଠାନ ରୂପେ ଆଞ୍ଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର, ଭୁବନେଶ୍ୱର ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନ ୧୯୮୫ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ,୧୮୬୦ ଅଧୀନରେ ପଂଜୀକୃତ ହୋଇଥିଲା । ଏହି କେନ୍ଦ୍ର ଉଦ୍ଭିଦ ଜୈବ ପ୍ରଯୁକ୍ତି ବିଦ୍ୟା ଓ ଅଣୁଜୀବ ବିଜ୍ଞାନ କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା କାର୍ଯ୍ୟ ସହ ପରିବେଶ ସଂରକ୍ଷଣ, ଉଦ୍ଭିଦ ସଂରକ୍ଷଣ ବଂଶବିସ୍ତାର ଓ ମନୁଷ୍ୟକୃତ ପରିପାର୍ଶ୍ୱ ଯଥା ବନସ୍ପତି ଉଦ୍ୟାନ, ଜିନ୍ ବ୍ୟାଙ୍କ ବୀଜ ଭଣ୍ଡାର, ଅର୍କିଡାରିୟମ୍ ଓ ଅନ୍ୟାନ୍ୟ ଜୀବନ୍ତ ଉଦ୍ଭିଦ ପ୍ରଜାତି ସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

୨୦୦୯-୧୦ ବର୍ଷର ବିଭିନ୍ନ ସଫଳ ରୂପାୟନ ନିମ୍ନରେ ପ୍ରଦାନ କରାଗଲା ।

୧୯.୧ କେନ୍ଦ୍ର ପରିସର- ଆଂଚଳିକ ଉଦ୍ଭିଦ ସଂପଦ କେନ୍ଦ୍ରର *ପରିସୀମା ମୋଟ ୪୮୭ ଏକର ବିଶିଷ୍ଟ ବିସ୍ତୃତ ଅଂଚଳ, ତନ୍ମଧ୍ୟରୁ ୭୦ ଏକର ପ୍ରାକୃତିକ ଜଂଗଲରେ ପରିପୂର୍ଣ୍ଣ ଓ ୪୦ ଏକର ଜଳଭାଗ (ହ୍ରଦ) ଅଟେ । ବନସ୍ପତି ଉଦ୍ୟାନ ୧୧୦ ପରିମିତ ଏକର ଜାଗାରେ ସ୍ଥାନ କରାଯାଇଛି ଏବଂ ଅବଶିଷ୍ଟ ଜାଗାରେ ମୁଖ୍ୟ କାର୍ଯ୍ୟାଳୟ, ଗବେଷଣା ବିଜ୍ଞାନାଗାର, ଜଳବାୟୁ ନିୟନ୍ତ୍ରିତ ସବୁଜ ଗୃହ, ଛାୟାଘର ଓ ପରୀକ୍ଷଣ କ୍ଷେତ୍ର ରହିଛି । କେନ୍ଦ୍ର ଚତୁଃପାର୍ଶ୍ୱରେ* କଂକ୍ରିଟ ପ୍ରାଚୀର ସହ ଏକ ସୌରଚାଳିତ ତାରାବାଡର ବ୍ୟବସ୍ଥା କରାଯାଇଛି ।

୧୯.୨ ଉପକେନ୍ଦ୍ର- ଆଂଚଳିକ ଉଦ୍ଭିଦ ସଂପଦ କେନ୍ଦ୍ରର ଆଉ ଏକ ଉପକେନ୍ଦ୍ର କେନ୍ଦୁଝର ଜିଲ୍ଲା ସାନଘାଗରାଠାରେ ସ୍ଥାପିତ ହୋଇଛି । ଏଠାରେ ଉଦ୍ଭିଦ ସଂରକ୍ଷଣ ଓ ଗବେଷଣା ତଥା ସର୍ବସାଧାରଣ ମନୋରଂଜନ ପାଇଁ ଏହି କେନ୍ଦ୍ରକୁ ୫୧.୨୮୪ହେକ୍ଟର ଜରି ଯାଗାଇ ଦିଆଯାଇଛି ।

୧୯.୩ କ୍ଷେତ୍ର ପରୀକ୍ଷଣ ଭିତ୍ତିଭୂମି- ଏହି କେନ୍ଦ୍ରରେ ବୃହତ ବଗିଚା, ଜଳବାୟୁ ନିୟନ୍ତ୍ରିତ ସବୁଜ ଗୃହ, କୁହୁଡି ପ୍ରକୋଷ୍ଠ, ପ*ଲିଥିନ୍ ଗୃହ (ଉଦ୍ଭିଦର ବଂଶ ବିସ୍ତାର, ଗୁଣାତ୍ମକ ନିରୂପଣ* ଓ ପ୍ରତିପାଳନ ନିମନ୍ତେ ନିର୍ମାଣ କରାଯାଇଛି । ଜଳସେଚନର ସୁବ୍ୟବସ୍ଥା ପାଇଁ ୯ ଟି ଗଭୀର ଜଳକୂପ, ୨ଟି ସ୍ୱଳ୍ପ ଓ ଦୀର୍ଘମିଆଦି ବିହନ ସଂରକ୍ଷଣ କେନ୍ଦ୍ର , ଉନ୍ନତ ଧରଣର ନର୍ସରୀ ଓ ବିକ୍ରୟ କେନ୍ଦ୍ର ସ୍ଥାପନ ହୋଇଛି ।

୧୯.୪ ବନସ୍ପତି ଉଦ୍ୟାନ- ଆଂଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର ପରିସରରେ ୧୧୦ ଏକର ଜାଗାର ଏକ ବନସ୍ପତି ଉଦ୍ୟାନ ରହିଛି । ଏଠାରେ ବିସ୍ତୀର୍ଣ୍ଣ ଘାସଗାଲିଚା, ବୃକ୍ଷରୋପଣ, ଫୁଲଗଛ ରୋପଣ, ସଂଗୀତ ଝରଣ, ଶିଶୁ ଉଦ୍ୟାନ, ପ୍ରାତଃ ଭ୍ରମଣ ସୁବିଧା ନୌକାବିହାର ଓ ପୁଷ୍ପ ପ୍ରଦର୍ଶନୀ ନିମନ୍ତେ ବନ୍ଦୋବସ୍ତ କରାଯାଇଛି ।

**୧୯.୫ ଏହି କେନ୍ଦ୍ରର ମଧ୍ୟ ଭାଗରେ ୪୦ ଏକର ଜମିରେ ଏକ ହ୍ରଦ ରହିଛି । ବିଭିନ୍ନ ଦେଶ ବିଦେଶର ପକ୍ଷୀମାନେ ଏଠାକୁ ଆସନ୍ତି । ଜନସାଧାରଣଙ୍କ ନୌକା ବିହାର ପାଇଁ ୧୦ ଟି ପେଡାଲଚାଳିତ ବୋଟର ବ୍ୟବସ୍ଥା ଅଛି ।**

**୧୯.୬ ଜୀବନ୍ତ ଉଦ୍ଭିଦ ସଂଗ୍ରହ- ଏହି କେନ୍ଦ୍ରରେ ଏସିଆ ମହାଦେଶର ସର୍ବବୃହତ କ୍ୟାକଟସ୍ ବା ନାଗଫେଣୀ ବଗିଚା ଅଛି । ୧୦୫୦ ରୁ ଉର୍ଦ୍ଧ୍ୱ ପ୍ରକାରର ରଂଗବେରଂଗ କ୍ୟାକଟସ୍, ୨୦୦ ରୁ ଉର୍ଦ୍ଧ୍ୱ ସଂକର ଜାତୀୟ କ୍ୟାକଟସ୍ ଏଠାରେ ପ୍ରସ୍ତୁତ କରଯାଇଛି । ବୃକ୍ଷ ବଗିଚାରେ ୧୪୩୦ ପ୍ରକାର ବୃକ୍ଷ ଅଛି, ଯେଉଁଥିରେ ପ୍ରାୟ ୨୫ ପ୍ରକାର ବିରଳ ଉଦ୍ଭିଦ୍ ରହିଛି । ଅର୍କିଡାରିୟମ୍‌ରେ ୨୨୦ ପ୍ରକାର ବିଭିନ୍ନ ପ୍ରଜାତି ଅର୍କିଡ ରହିଛି, ସେଥିରେ ୬୫ ପ୍ରକାର ଜଂଗଲୀ ଅର୍କିଡ ଅନ୍ତର୍ଭୁକ୍ତ । ବାଉଁଶ ବଗିଚାରେ ପ୍ରାୟ ୩୨ ପ୍ରକାର ବାଉଁଶ ରୋପଣ କରାଯାଇଛି । ଏହାଚଡ଼ା ୬ ପ୍ରକାର କିଆ, ୪ ପ୍ରଜାତି ସାଇକସ୍** (CYCADS) ୩ ପ୍ରକାର ଜାମିଆ (Zamia) ଏହି କେଂନ୍ଦ୍ରରେ ଅଛି । ୫୦ ଏକର ଜାଗାରେ ଗୋଲାପ ଓ ପୁଷ୍ପ ଉଦ୍ୟାନ ନିର୍ମିତ ହୋଇଅଛି । ଆର.ପି.ଆର.ସି. ନର୍ସରୀରେ ୨୫୦ ପ୍ରକାର ଛାୟା ସହ୍ୟ କରୁଥିବା ଗଛ, ୪୨ ପ୍ରକାରର ଡାଲିଆ, ୧୫୦ ପ୍ରକାରର ସେବତୀ ଗଚ୍ଛିତ ଅଛି ।

୧୯.୭ ଉଦ୍ଭିଦ ବର୍ଗୀକରଣ ଓ ସଂରକ୍ଷଣ- କେଂନ୍ଦ୍ରର ହର୍ବାରିୟମ (ସଂଗ୍ରହାଳୟ)ରେ ୧୪୧୦ ପ୍ରକାର ସୁପୁଷ୍ପକ ଓ ୬୫ପ୍ରକାର ଫର୍ଣ୍ଣ ଜାତୀୟ ଉଦ୍ଭିଦ ସହ ମୋଟ ୮୦୦୦ ନମୁନା ଗଛ ସଂଗ୍ରହ କରି ରଖାଯାଇଛି । ଏଥିମଧ୍ୟରୁ ୪୨ ଟି ପ୍ରଜାତି ଓଡିଶା, ପୂର୍ବ ଭାରତ ଓ ଭାରତ ମଧ୍ୟରେ ନୂଆ ରେକର୍ଡ ଭାବେ ଚିହ୍ନଟ ହୋଇଛି ।

୧୯.୮ଉଦ୍ଭିଦ ଜୈବପ୍ରଯୁକ୍ତି ଓ ଡିଏନଏ. ଫିଂଗର ପିଣ୍ଟି,ଟିସୁ କଲ୍‌ଚର (ପେଷୀପୋଷଣ) ପଦ୍ଧତିରେ ଜଂଗଲଜାତ ବୃକ୍ଷ, ଅଳଂକାରିକ, ଔଷଧୀୟ ଓ ସୁଗଂଧିତ ଗଛ ର ବହୁଳ ବଂଶବୃଦ୍ଧି କରାଯାଉଛି । କେତେକ ପ୍ରମୁଖ ଉଦ୍ଭିଦ ଜାତିର ଜିନୀୟ ବିବିଧତା ଓ ଅନ୍ୟାନ୍ୟ ଗୁଣ

ନିରୀକ୍ଷଣ କାର୍ଯ୍ୟ RAPD ଓ ISSR ପଦ୍ଧତିରେ ନିରୂପଣ କରାଯାଉଛି । କ୍ୟାକଟସ୍, ଲୁଣା ଜଂଗଲ ଗଛ, କଦଳୀ ଆଦିର କ୍ରୋମୋଜୋମ୍ ସଂଖ୍ୟା ନିର୍ଦ୍ଧାରଣ, କାରିୟୋଟାଇ୍ପ ବିଶ୍ଳେଷଣ ଓ ଆକଳନ କରାଯାଉଛି ।

୧୯.୯ ଅଣୁଜୀବ ବିଜ୍ଞାନ- ମୁଖ୍ୟତଃ ଲୁଣା ଓ ଖଣି ଅଂଚଳରୁ ସଂଗୃହୀତ ଉପକାରୀ ସନ୍ତରକ ଏବଂ ସେକେଂଡାରୀ ମେଟାବୋଲାଇଟସ୍ ପାଇବା ପାଇଁ ବିଭିନ୍ନ ପରିସଂସ୍ଥାରୁ ଅଣୁଜୀବର ଚିହ୍ନଟ ଓ ମୂଲ୍ୟାୟନ ହୋଇପାରୁଛି ।

୧୯.୧୦ ଟିସୁ କଲଚ୍ର : କେଂନ୍ଦ୍ର ଟିସୁକଲଚର୍ ମାଧ୍ୟମରେ କଦଳୀ ଚାରା ଉତ୍ପାଦନ କରାଯାଇ କଦଳୀ ଚାରା ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଜରିଆରେ କୃଷକମାନଂକୁ ଯୋଗାଇ ଦିଆଯାଇଛି । ତା ଛଡା ଉନ୍ନତମାନର ସଜନା ଗଛ ଓ ଅମୃତ ଭଂଡା ଏଠାରେ ଉତ୍ପାଦନ କରାଯାଇ ଓଡିଶାର ଚାଷୀ ଓ ପଡୋଶୀ ରାଜ୍ୟ ପଶ୍ଚିମବଂଗ, ତ୍ରିପୁରା, ଆନ୍ଧ୍ରପ୍ରଦେଶ, ଛତିଶଗଡ ଏବଂ ଝାଡଖଂଡ ପ୍ରଭୃତି ରାଜ୍ୟକୁ ଯୋଗାଇ ଦିଆଯାଇଛି ।

୧୯.୧୧ ଗବେଷଣା ପ୍ରକଳ୍ପ- କେଂନ୍ଦ୍ର ସରକାରଂକ ଅନୁଦାନକାରୀ ସଂସ୍ଥା ଯଥା ( ICAR,DBT,CSIR,E&F )ବିଭାଗ ଦ୍ଵାରା ଅନୁଦାନ ପ୍ରାପ୍ତ ୧୬ ଟି ଗବେଷଣା ପ୍ରକଳ୍ପର *କାର୍ଯ୍ୟ ଚାଲୁ ରହିଛି । ୩୨ଜଣ (M.Sc ) ଓ ( B.Tech & B.Sc ) ଛାତ୍ର ଛାତ୍ରୀମାନଂକୁ ଜୈବପ୍ରଯୁକ୍ତି କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇଛି । ଏହି କେଂନ୍ଦ୍ରର ବୈଜ୍ଞାନିକ ମାନେ ଗବେଷଣା ପ୍ରବଂଧକୁ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତିସଂପନ ପତ୍ର ପତ୍ରିକାରେ ପ୍ରକାଶ କରିଛନ୍ତି । ୧୨ ଜଣ ଛାତ୍ରଛାତ୍ରୀ (ଗବେଷକ) ଆର.ପି.ଆର.ସି. ତତ୍ତ୍ଵାବଧାନରେ Ph.D ଡିଗ୍ରୀ ହାସଲ ପାଇଁ ଉତ୍କଳ ବିଶ୍ଵବିଦ୍ୟାଳୟ, ବ୍ରହ୍ମପୁର ଓ ଅନ୍ୟାନଓ୍ୟ ବିଶ୍ଵ ବିଧ୍ୟାଳୟରେ ନାମ ପଂଜୀକୃତ କରିଛନ୍ତି । ଏହି କେନ୍ଦ୍ର ଶିମିଳିପାଳ ଜୈବମଣଳ ସଂରକ୍ଷଣ ଗବେଷଣା କାର୍ଯ୍ୟକ୍ରମରେ ଏକ ସହଯୋଗୀ ଅନୁଷ୍ଠାନ ଭାବେ କାର୍ଯ୍ୟ କରୁଅଛି ।*

୨୦. ରାଜ୍ୟ ପରିବେଶୀୟପ୍ରଭାବ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓ ରାଜ୍ୟ ମୂଲ୍ୟ ନିର୍ଦ୍ଧାରଣ ପ୍ରବୀଣ କମିଟି ।

ଓଡିଶା ସରକରାଂକ ସୁପାରିଶ ଅନୁଯାୟୀ ଭାରତ ସରକାର ରାଜ୍ୟସ୍ତରରେ 'B' ଶ୍ରେଣୀଭୁକ୍ତ ପ୍ରକଳ୍ପ ମାନଂକୁ ପରିବେଶୀୟ ମଂଜୁରୀ ଦେବା ପାଇଁ ପରିବେଶୀୟପ୍ରଭାବ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓ ରାଜ୍ୟ ମୁଲ୍ୟ ନିର୍ଦ୍ଧାରଣ ପ୍ରବୀଣ କମିଟି ଗଠନ କରିଛନ୍ତି । ଏହି ସଂସ୍ଥା ମାନଂକୁ ସର୍ବୋତ୍ତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ୨୦୦୯-୧୦ ଆର୍ଥିକ ବର୍ଷରେ ୨୬ ଲକ୍ଷ ଟଂକାର ବନ୍ଦୋବସ୍ତ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୭୬ ଟି ପ୍ରକଳ୍ପ ମଂଜୁରୀ ପ୍ରଦାନ ନିମନ୍ତେ ଆସିଛି । ତନ୍ମଧ୍ୟରୁ ୧୭ ଟି ଅନୁମୋଦନ ପାଇବାର ଶେଷ ପର୍ଯ୍ୟାୟରେ ଅଛି । ବାକି ୫୯ ଟି ମଧ୍ୟରୁ ୨୩ ଟିକୁ Terms of Reference ଦିଆଯାଇଛି । ୧୦ ଟି ରେ ଭାରତ ସରକାର Terms of Reference ଦେଇ ସାରିଛନ୍ତି, ୫ ଟି ପ୍ରକଳ୍ପକୁ ଅଗ୍ରାହ୍ୟ କରାଯାଇଛି । ଗୋଟିକୁ ଭାରତ ସରକାରଂକୁ 'A' ଶ୍ରେଣୀରେ ଗ୍ରହଣ କରିବାକୁ ଦିଆଯାଇଛି ଓ ଅନ୍ୟ ଗୁଡିକ ଆବଶ୍ୟକୀୟ କାଗଜପତ୍ର କିମ୍ବା ସୂଚନା ନଥିବାରୁ ଫେରାଇ ଦିଆଯାଇଛି । ପ୍ରବୀଣ କମିଟିର ସୁପାରିଶକ୍ରମେ କର୍ତ୍ତୃପକ୍ଷ ୬ଟି ପ୍ରକଳ୍ପକୁ ପରିବେଶୀୟ ମଂଜୁରୀ ପ୍ରଦାନ କରିଛନ୍ତି ।